୭୯ତମ ସ୍ୱାଧୀନତା ଦିବସ ଅବସରରେ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ ୧୫ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ରବିବାର) ପ୍ରକାଶ ପାଇବ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

୭୯ତମ ସ୍ୱାଧୀନତା ଦିବସ

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



DADLS-41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷ**ରୁ **୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

### 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋରଦାର୍ କଲା କଂଗ୍ରେସ

# ରାଜ୍ୟବ୍ୟାପୀ ପ୍ରତିବାଦ, ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର, ୧୪।୮ (ସମିସ): ଦେଶରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆଜି ମଶାଲ ଶୋଭାଯାତ୍ରା କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଉଭୟ ନିର୍ବାଚନ ଆୟୋଗ ଓ ବିଜେପି ଉପରେ ନେତାମାନେ ବର୍ଷିଛନ୍ତି।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର୍ କାର୍ଡରେ ବ୍ୟାପକ ହେରଫେର୍ ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି, ତାହା ରାହୁଲ ବର୍ଣ୍ଣନା କରିଥିଲେ। ଏହା ପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ମଶାଲ ଶୋଭାଯାତ୍ରା ଆୟୋଜନ କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭୋଟ୍ ଚୋରି ଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଜେପି ସରକାର ଭୋଟ୍ ଚୋରି କରି ଗାଦି ହାତେଇଛି। ଆଜି ବି ବିହାରର ଗରିବ ଲୋକମାନେ ବିଭିନ୍ନ ଜାଗାରେ କାମ କରି ଚଳୁଛନ୍ତି। ସେମାନଙ୍କୁ ରାଜ୍ୟରୁ ବାହାର କରାଯାଇପାରିବ ନାହିଁ। ସେମାନଙ୍କୁ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି କହି ଭୋଟର୍ ଲିଷ୍ଟରୁ ହଟାଇଦେବା ଉଚିତ ନୁହେଁ। ନିର୍ବାଚନ ଆୟୋଗ ପ୍ରତ୍ୟେକ ଭୋଟର୍‌ଙ୍କ ନାଁ ଗୋଟି ଗୋଟି କରି ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

ସୂଚନାଥାଉକି ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଶୋଭାଯାତ୍ରା କରାଯାଇଛି।

### ଖାକିରେ ଦାଗ

# ମହିଳାଙ୍କୁ ଦୁଷ୍କର୍ମ; ସବ୍‌ଇନ୍ସପେକ୍ଟର ଗିରଫ

ଫୁଲବାଣୀ, ୧୪।୮ (ସମିସ): ଖାକିରେ ପୁଣି ଦାଗ। ଥରେ କି ଦୁଇଥର ନୁହେଁ, ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ। ଏପରି ଏକ ସଂଗିନ୍ ଅଭିଯୋଗରେ କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ପୁଲିସ୍ ଜଣେ ସବ୍-ଇନ୍ସପେକ୍ଟର୍‌ଙ୍କୁ ଗିରଫ କରିଛି। ସେ ହେଲେ, କୋଟଗଡ଼ ଥାନାର ଏସ୍‌ଆଇ ସ୍ମୃତିସାଗର ସାମଲ। ପୂର୍ବରୁ ସେ ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଜି ତାଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସ୍ମୃତିସାଗର ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ପାଖରେ ଥିବା ଜଣେ ମହିଳାଙ୍କ ଭେରାଇଟି ଷ୍ଟୋର୍‌କୁ ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ତେବେ ଦିନକୁ ଦିନ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ସେ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରିକି, ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିଲେ। ୨୦୨୪ ମସିହା ମେ' ମାସରେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଜଣଙ୍କ ଏ ସଂପର୍କରେ ମୁହଁ ନ ଖୋଲିବାରୁ ସ୍ମୃତିସାଗରଙ୍କ ମୁହଁ ବଢ଼ି ଯାଇଥିଲା। ପରେ ସେ ମହିଳାଙ୍କୁ ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ପୀଡ଼ିତା ସାହସ ଜୁଟାଇଥିଲେ ଏବଂ ଏ ସଂପର୍କରେ ତାଙ୍କ ହୋମଗାର୍ଡ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ଦୁହେଁ ଏ ସଂପର୍କରେ ତତ୍‌କାଳୀନ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଗତ ବୁଧବାର ପୁଣି ମହିଳାଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଏନେଇ ୧୮୬/୨୫ରେ



ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।

# ହୋଟେଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର


ପୁରୀ, ୧୪।୮ (ସମିସ): ହୋଟେଲ ରୁମ୍‌ରେ ଝୁଲିପଡ଼ିଲେ ପ୍ରେମୀଯୁଗଳ। ସମୁଦ୍ର କୂଳ ଥାନା ପୁଲିସ ଆଜି ପୁରୀର ଏକ ହୋଟେଲରୁ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗର କୁମରେଶ ଘୋଷ ଓ ମିତାଲି ଘୋଷ। ଦୁହେଁ ଅନ୍ୟତ୍ର ବିବାହ କରିଥିଲେ। ଦୁଇ ଦିନ ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ତେବେ କେଉଁ ପରିସ୍ଥିତିରେ ଦୁହେଁ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ରହୁଥିବା ହୋଟେଲ କର୍ତ୍ତୃପକ୍ଷଙ୍କୁ ପୁଲିସ୍ ଚରାଉଚରା କରିଛି। ଦୁହେଁ, କେବେଠାରୁ ଏଠାରେ ରହୁଥିଲେ, କ'ଣ ପରିଚୟ ଦେଇଥିଲେ; ସେସବୁର ଖୋଳତାଡ଼ କରୁଛି ପୁଲିସ। ସେମାନେ ଗତ ୯ ତାରିଖରେ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ୧୫ ତାରିଖରେ ରୁମ୍ ଛାଡ଼ିଥାନ୍ତେ। କିନ୍ତୁ ଦୁଇଦିନ ତଳୁ ସେମାନଙ୍କ ରୁମ୍ ବନ୍ଦ ଥିବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।











# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-52 ◆FRIDAY ◆15 AUGUST 2025 ◆PAGE-12 ◆₹ 6.00

୭୯ତମ ସ୍ୱାଧୀନତା ଦିବସ

◆ବର୍ଷ-୪୩ ◆ସଂଖ୍ୟା-୫୨ ◆ଶୁକ୍ରବାର ◆୧୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ଏସ୍ଆଇଆର୍ ମାମଲା: ଇସିଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ସାର୍ବଜନୀନ କର



■ **ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ତାଲିକା ସଂଶୋଧନ ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ସେମାନଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଲୋଡ଼ିଛନ୍ତି। ଏହି ଭୋଟରଙ୍କ ନାମ ତାଲିକା ସହିତ ସେମାନେ କାହିଁକି ବାଦ୍ ପଡ଼ିଛନ୍ତି, ତାହାର କାରଣ ଦର୍ଶାଇବା ଲାଗି କୁହାଯାଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ସହିତ ଜାତୀୟ ସମ୍ବାଦପତ୍ର, ଟିଭି ଓ ରେଡିଓରେ ପ୍ରକାଶ ଓ ପ୍ରସାର କରିବା ଲାଗି ସର୍ବୋଚ୍ଚ ଅଦାଲତ କମିସନଙ୍କୁ କହିଛନ୍ତି।

ବିହାରରେ ଏସ୍ଆଇଆର୍ ପାଇଁ ଜୁନ୍ ୨୪ରେ ନିର୍ବାଚନ କମିସନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଆଜି ନିର୍ବାଚନ କମିସନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ଦୂର ହୋଇଛି ତାହାର କଂପ୍ଲାୟନ୍ସ ରିପୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି (ଅଗଷ୍ଟ ୨୨ ତାରିଖ) ପୂର୍ବରୁ ଦାଖଲ କରିବାକୁ କହିଛନ୍ତି।

### ସମ୍ବାଦପତ୍ର, ଟିଭି ଓ ରେଡିଓରେ ବାଦ୍ ପଡ଼ିଥିବା ଭୋଟରଙ୍କ ବିବରଣୀ ପ୍ରକାଶ କର

### ଆଧାର କାର୍ଡ ଦେଖାଇ ନାମ ସାମିଲ କରିପାରିବେ ଭୋଟର

କୋର୍ଟ କହିଛନ୍ତି ଯେ ଭୋଟର ତାଲିକାରେ ଯେଉଁମାନଙ୍କୁ ମୃତ ଦର୍ଶାଯାଇଛି କିମ୍ବା ଯେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ବୋଲି କୁହାଯାଉଛି ସେମାନଙ୍କର ତାଲିକା ସମସ୍ତ ପଞ୍ଚାୟତ ସ୍ତରୀୟ ଅଫିସ, ଜିଲ୍ଲା ସ୍ତରୀୟ ରିଟର୍ଣ୍ଣି ଅଫିସର କାର୍ଯ୍ୟାଳୟରେ ଲଗାଇବାକୁ ହେବ। ଟିଭି, ରେଡିଓ, ଇଂରାଜୀ ସମ୍ବାଦପତ୍ର ସମେତ ଆଞ୍ଚଳିକ ଭାଷା ସମ୍ବାଦପତ୍ରରେ ଏହି ତଥ୍ୟ ସଂପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହିତ କୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ ଯେଉଁ ଭୋଟରଙ୍କର ନାମ ▶ପୃଷ୍ଠା-୭

## ଫାଟିଲା ବାଦଲ; ଧସିଲା ପାହାଡ଼

# ୪୬ ମୃତ, ୨୦୦ ନିଖୋଜ



### କିସ୍ତୱାରରେ ପ୍ରକୃତିର ତାଣ୍ଡବ

■ **ଶ୍ରୀନଗର, ୧୪।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ବାଦଲଫଟା ବର୍ଷା ଯୋଗୁଁ ବଡ଼ ଧରଣର ବିପର୍ଯ୍ୟୟ ଘଟି ୪୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ୨ ସିଆଇଏଓଏଫ୍ ଯବାନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ନ ୧୨ଟା ୩୦ରେ ବାଦଲ ଫଟା ବର୍ଷା କାରଣରୁ କିସ୍ତୱାର ଜିଲ୍ଲାର ଚୋସିଟି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ପାହାଡ଼ରୁ ବୋହି ଆସିଥିବା ଆବର୍ଜନାପୂର୍ଣ୍ଣ ପାଣି ସୁଅରେ ଅନେକ ଲୋକ ଭାସି ଯାଇଥିବା ବେଳେ ଅନେକ ଅତଡ଼ା ତଳେ ଚାପି ହୋଇ ରହିଛନ୍ତି। ମଚୈଲ ମାତା ମନ୍ଦିର ଯିବା ଲାଗି ଶ୍ରଦ୍ଧାଳୁ ବିଭିନ୍ନ ଗାଡ଼ିରେ ଆସି ଏଠାରେ ଏକାଠି ହୋଇଥିଲେ। ଏଠାରୁ ସେମାନେ ଚାଲିଚାଲି ମନ୍ଦିର ଯାଇଥା'ନ୍ତେ। ବର୍ଷା ବେଳେ ଏହି ଗାଁରେ ଲଙ୍ଗରରେ ଶ୍ରଦ୍ଧାଳୁମାନେ ଏକାଠି ଖାଉଥିଲେ। ସେମାନଙ୍କୁ ସୁରକ୍ଷା ଦେବାଲାଗି ପାଖରେ ନିରାପତ୍ତା ଯବାନଙ୍କର କ୍ୟାମ୍ପ ମଧ୍ୟ ଲାଗିଥିଲା। ଏହି କ୍ୟାମ୍ପ ମଧ୍ୟ ▶ପୃଷ୍ଠା-୭



### ମନ୍ତ୍ରୀଙ୍କ ନାଲିଆଖି, ସଚିବଙ୍କ ଚେତାବନୀ ପ୍ରଭାବହୀନ

# ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

■ **ଭୁବନେଶ୍ୱର, ୧୪।୮ (ସମିସ):** ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେଖାଇଲେ, ସଚିବ ଦରମା ବନ୍ଦ କରିବାକୁ ଧମକ ଦେଲେ; ମାତ୍ର ଏହି ଚେତାବନୀ ରାଜସ୍ୱ ଅମଲା ସଂଘ ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନାହିଁ। ଦାବି ପୂରଣ ପାଇଁ ରାଜ୍ୟର ୧୦ ହଜାର ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ବ୍ଲକ୍, ତହସିଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥାରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି । ଆଲୋଚନା ପରିବର୍ତ୍ତେ ସରକାର ଆନ୍ଦୋଳନକୁ ଦବାଇବା ପାଇଁ କରୁଥିବା ଉଦ୍ୟମକୁ ସଂଘ ତୀବ୍ର ବିରୋଧ କରିଛି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କର ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ▶ପୃଷ୍ଠା-୭

### ୧୫ ଦିନରେ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ

### ୩୦ ଜିଲ୍ଲାର ୧୦ ହଜାର ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ

**ଲଘୁଚାପ ସକ୍ରିୟ**

# ଲାଗି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଶୁକ୍ରବାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଗୁରୁବାର ଗୋପାଳପୁରରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୨୫, ନୟାଗଡ଼ରେ ୧୯, ନବରଙ୍ଗପୁର ୧୭, ▶ପୃଷ୍ଠା-୭






## ଅମଲାଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ

# ଆନ୍ଦୋଳନ ତୀବ୍ର କରିବାକୁ ସଂଘର ଚେତାବନୀ

ବଲାଙ୍ଗିର, ୧୪।୮ (ସମିସ)

ରାଜସ୍ୱ ଅମଲା ସଂଘ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଗତ ଚାରିଦିନ ହେଲା ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅମଲା ଆନ୍ଦୋଳନ ଚଳାଇଥିବାବେଳେ ଏପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଆଲୋଚନା ହୋଇନାହିଁ। ତେବେ ଆଲୋଚନା ବଦଳରେ ରାଜସ୍ୱ ମନ୍ତ୍ରୀ ଦେଇଥିବା ଅମଲାମାନଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏହି ଆନ୍ଦୋଳନର ଆଗାମୀ ରୂପରେଖକୁ ନେଇ ପ୍ରଶ୍ନ ଉଠିଛି। ତେବେ କାର୍ଯ୍ୟାନୁଷ୍ଠାନ ଭୟରେ ଅମଲା ସଙ୍ଘ ନୀରବ ରହିବ ନା ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହି ସବୁ ଭିତରେ କିନ୍ତୁ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡ଼ିଛି। ଗୋଟିଏ ପଟେ ସଂଘ ନିଜ ଜିଦ୍‌ରେ ଅଟଳ ଥିବା ବେଳେ ଅନ୍ୟପଟେ ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ ଯୋଗୁଁ ସଂଘ ଆହୁରି ପ୍ରତିକ୍ରିୟା ପ୍ରକାଶ କରିଛି। ମନ୍ତ୍ରୀ ଅମଲାମାନଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରିବା ସହ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଆନ୍ଦୋଳନ ବନ୍ଦ ହେବନାହିଁ ବୋଲି ସଙ୍ଘ ଚେତାବନୀ ଦେଇଛି। ବଲାଙ୍ଗିର ଜିଲ୍ଲା ସଂଘ ସମ୍ପାଦକ ରତିକାନ୍ତ ପୁରୋହିତଙ୍କ କହିବା ଅନୁସାରେ ସରକାର ସଂଘ ସହ ଆଲୋଚନା କରିବା ବଦଳରେ ଚେତାବନୀ ଦେଇ ସ୍ୱର ଚାପିବାକୁ ଉଦ୍ୟମ କରୁଥିବା ପ୍ରକାଶ କରିଛନ୍ତି। ଅମଲାମାନଙ୍କ ପ୍ରତି କରାଯାଉଥିବା ଅବିଚାର ବିରୋଧରେ ଲୋକଙ୍କ ସମର୍ଥନ ଯୋଗାଡ କରିବ ପାଇଁ ୧୮ ତାରିଖ ରେ ବଲାଙ୍ଗିର ସହରରେ ଏକ ଶୋଭାଯାତ୍ରା କରାଯିବ ଓ ଏହା ସହିତ ଆବଶ୍ୟକ ହେଲେ ଆଗାମୀ ଦିନରେ ଅମଲାମାନେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ମଧ୍ୟ ସଂଘର ଜିଲ୍ଲା ଗଣମାଧ୍ୟମ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ କହିଛନ୍ତି। ଚତୁର୍ଥ ଦିନରେ ମଧ୍ୟ ବଲାଙ୍ଗିର ଅମଲାମାନେ ଜିଲ୍ଲାପାଳ ଅଫିସ୍ ଆଗରେ ଧାରଣା ଦେବା ସହ ଦଶ ଦଫା ପୂରଣ କରିବାକୁ ଦାବି କରିଥିଲେ। ସରକାର ପ୍ରଶାସନ ବ୍ୟବସ୍ଥାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅମଲାମାନଙ୍କୁ ଚେତାବନୀ ନ ଦେଇ ଦାବି ସବୁପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ୍ ସଂଘ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଜିଲ୍ଲା ସଭାପତି ପ୍ରଭାତ କୁମାର ମଲ୍ଲିକ ପ୍ରତିକ୍ରିୟା ରେ କହିଛନ୍ତି।



## ଯୁବମାଳ ଗାଁରେ କଙ୍ଗାରୁ କୋର୍ଟ; ୨ ଗିରଫ



ସଇଁତଳା, ୧୪।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଭନ୍ଦ୍ରା ପଞ୍ଚାୟତ ଯୁବମାଳ ଗାଁରେ କଙ୍ଗାରୁ କୋର୍ଟ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଲା ସଇଁତଳା ପୁଲିସ। ଅଭିଯୁକ୍ତ ମାନେ ହେଲେ ଯୁବାମାଳ ଗାଁର ଜଗନ୍ନାଥ ଭୋଇ ଓ ଖଗେଶ୍ୱର ଭୋଇ। ସୂଚନା ଅନୁସାରେ ସାମାନ୍ୟ ଝଗଡ଼ାକୁ କେନ୍ଦ୍ରକରି ହାତଗୋଡ଼ ବାନ୍ଧି ଯୁବକକୁ ଆକ୍ରମଣ କରିଥିଲେ। ଗୁରୁତର ଯୁବକକୁ ଉଦ୍ଧାରକରି ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତିକରି ଚିକିତ୍ସା କରାଯାଇ ଥିଲା। ମାଡ଼ ଖାଇଥିବା ବ୍ୟକ୍ତି ଦୁର୍ବାଦଳ ଭୋଇଙ୍କୁ ଏବେବି ବଲାଙ୍ଗିର ଡାକ୍ତର ଖାନାରେ ଚିକିତ୍ସା କରାଯାଉଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## କ୍ଲଷ୍ଟରସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

ଦେଓଗାଁ, ୧୪।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ଆବାହକତ୍ୱରେ ତଥା ସିଆରସିସି ସୁଶାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ହାଇସ୍କୁଲରୁ ଜାତୀୟ ପତାକା ଧରି ସ୍ୱାଧୀନତାର ବାର୍ତ୍ତାଦେଇ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଏବିଇଓ ଚୈତନ୍ୟ ଧରୁଆ ଉପସ୍ଥିତ ଥିବାବେଳେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ୩୬୭ ଜଣ ଛାତ୍ରଛାତ୍ରୀ ଓ ୨୭ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦେଇଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ମୁରିବାହାଲ, ୧୪। ୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାରେ ନୂତନ ଥାନା ଅଧିକାରୀ ଭାବରେ ସନାତନ ସାହୁ ଯୋଗଦାନ କରିଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଅଞ୍ଚଳରେ ଅପରାଧ ରୋକିବା ଓ ଦାଦନ ଚାଲାଣ ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଶ୍ରୀ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁରିବାହାଲ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସଭାପତି ସୁବ୍ରତ ମହାକୁର, ଉପାସଭାପତି କେଦାର ବଡ଼ଜେନା, ସମ୍ପାଦକ ସୁଦାମ ବଘାର, ପ୍ରଫୁଲ୍ଲ ବଘାର, ଅବିନାଶ ଭୋଇ, ଅମରେଶ ମାଝୀ, ଲକ୍ଷ୍ମୀକାନ୍ତ ଧରୁଆ ପ୍ରମୁଖ ଶ୍ରୀ ସାହୁଙ୍କୁ ସହଯୋଗ ଓ ସମର୍ଥନ ରହିବ ବୋଲି ସଙ୍ଘର ବରିଷ୍ଠ ଉପଦେଷ୍ଟା ଶ୍ରୀବତ୍ସ ବେହେରା ପ୍ରତିଶ୍ରୁତି ଦେଇଥିଲେ।

## ଡ୍ୟାମ୍ ତଳେ ମନ୍ଦିର ପାଇଁ ଦସ୍ତଖତ ଅଭିଯାନ



ବଲାଙ୍ଗିର, ୧୪।୮ (ସମିସ): ଶ୍ରାବଣମାସ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀରେ ବନଦୁର୍ଗା ମହୋତ୍ସବ କମିଟି ତରଫରୁ ଲୋୟର ସୁକତେଲ ଡ୍ୟାମ୍ ତଳେ ବାବା ବର୍ଫାନୀଙ୍କ ନାମରେ ମହାଦେବ ମନ୍ଦିର ନିର୍ମାଣ ନିମନ୍ତେ ୧୦୮ ପୃଷ୍ଠା ବିଶିଷ୍ଟ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଏହି ପ୍ରକଳ୍ପ ନିର୍ମାଣରେ ୨୯ ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଅବା ଆଂଶିକ ପ୍ରଭାବିତରେ ଦେବା ଦେବୀ ମନ୍ଦିର ସମ୍ପୂର୍ଣ୍ଣ ଜଳବନ୍ଦିରେ ରହିଛନ୍ତି। କିଛି ଦେବା ଦେବି ବିସ୍ଥାପିତ ହେଲେ। ଏହି ଅବସରରେ ଲୋୟର ସୁକତେଲକୁ ଆସୁଥିବା ବିସ୍ତାପିତ ଏବଂ ସହରର ବିଭିନ୍ନ ଜାଗାରୁ ଆସୁଥିବା ଲୋକଙ୍କ ପାଇଁ ବିସ୍ତାପିତମାନେ ମନ୍ଦିର ସ୍ଥାପନ ପାଇଁ ସଂକଳ୍ପ ନେଇଛନ୍ତି। ଏନେଇ ବାରପୁଡୁଗିଆରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଜିଲ୍ଲାସାରା ଅଭିଯାନ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମରେ ଜୟକୃଷ୍ଣ ମିଶ୍ର, ସଞ୍ଜୟ ଗଡ଼ତ୍ୟା, କୈଳାସ ଚନ୍ଦ୍ର ସିଂଦେଓ, ନରେନ୍ଦ୍ର ବିଶି, ବିକାଶ ରଞ୍ଜନ ରଥ, ଦେବାଶିଷ ଦାଶ, ସଞ୍ଜୟ ନାୟକ, ସଦାନନ୍ଦ ମହଲା, ବିଜୟ ମହଲା ପ୍ରମୁଖ ନେତୃତ୍ୱ ନେଇଛନ୍ତି। ନରେନ୍ଦ୍ର ସାହୁ, ସୌମେନ୍ଦ୍ର ପରିଚ୍ଛା, ମନୋଜ ମହାନ୍ତି, ଆକାଶ ମିଶ୍ର, କମଲ ଅଗ୍ରୱାଲ, ଗୋପାଳଜୀ ପାଣିଗ୍ରାହୀ, ଘାସିରାମ ବେହେରା, ଲୋକନାଥ କୁମୁରା ପ୍ରମୁଖ ଯୋଗ ଦେଇଥିଲେ।

## ଟିଟିଲାଗଡ଼ରେ ଚାଷୀ ଆତ୍ମହତ୍ୟା ; ଶବ ରଖି ରାସ୍ତାରୋକ



ଟିଟିଲାଗଡ଼, ୧୪।୮ (ସମିସ): ଟିଟିଲାଗଡ଼ ବ୍ଲକ ଅଧୀନ କୁରସୁବା ପଞ୍ଚାୟତ କଣ୍ଡରା ଗ୍ରାମର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଗୁରୁବାର ଭବାନୀପାଟଣା ଖରିଆର ରାଜ୍ୟ ରାଜପଥରେ କଣ୍ଡରା ଗ୍ରାମ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।


ସୂଚନା ଅନୁସାରେ ଗତକାଲି ଗ୍ରାମର ପରମେଶ୍ୱର ଭୋଇଙ୍କ ପୁଅ ଦୁର୍ଗାଚରଣ ଭୋଇ ଫସଲରେ ଦିଆଯାଉଥିବା କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ସିନ୍ଧେକେଲା, ଟିଟିଲାଗଡ଼, ଭବାନୀପାଟଣା ଆଦି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ସନ୍ଧ୍ୟାରେ ଭବାନୀପାଟଣା ସରକାରୀ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିବା ବେଳେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବରପାଇ ବଲାଙ୍ଗିର ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ରାସ୍ତାରୋକସ୍ଥଳରେ ପହଞ୍ଚିଥିଲେ। ଏନେଇ ମଧ୍ୟ ଟିଟିଲାଗଡ଼ ତହସିଲଦାର ଶୁଭଶିଷ ଶତପଥୀ, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ଚାଷୀଙ୍କ କ୍ଷତିଗ୍ରସ୍ତ ଫସଲ ଦେଖିଛନ୍ତି। ରାସ୍ତାରୋକ ଫଳରେ ଦୀର୍ଘ ସମୟ ଧରି ରାୟପୁରରୁ ଭବାନୀପାଟଣା, ପଡୋଶୀ ରାଜ୍ୟ ବିଶାଖାପାଟଣାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଶହଶହ ଯାନବାହାନ ଅଟକି ରହିଥିବା ଦେଖାଯାଇଥିଲା। ଟିଟିଲାଗଡ଼ ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ସହ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଛାତ୍ରକୁ ମାଡ଼ ମାରି ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ସଇଁତଳା, ୧୪।୮ (ସମିସ): ଛାତ୍ରକୁ ମାଡ଼ମାରି ଲହୁଲୁହାଣ କରିବା ଅଭିଯୋଗରେ ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷୟିତ୍ରୀ। ଏପରି ଏକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଟିକ୍ରାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଗତ ୩୧ ତାରିଖ ଦିନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହେମାଞ୍ଜଳି ହୋତା ସ୍କୁଲର ୨ୟ ଶ୍ରେଣୀର ଜଣେ ଛାତ୍ରକୁ ମାଡ଼ମାରି ଲହୁ ଲୁହାଣ କରିଦେଇଥିଲେ। ଏ ନେଇ ଛାତ୍ର ଓ ଅଭିଭାବକ ସଇଁତଳା ପୁଲିସ ଓ ପରେ ବଲାଙ୍ଗିର ଏସ୍‌ପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ତଦନ୍ତ ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବିଇଓ ଦିଲୀପ କୁମାର ଯୋଷୀ ସୂଚନା ଦେଇଛନ୍ତି।









## ନରସିଂହ ମନ୍ଦିରରେ ସଂସ୍କୃତ ଦିବସ ପାଳିତ



ବଲାଙ୍ଗିର, ୧୪।୮ (ସମିସ): ବଲାଙ୍ଗିର ନରସିଂହ ମନ୍ଦିର ପ୍ରାଙ୍ଗଣରେ ସଂସ୍କୃତ ପରିଷଦ ଆନୁକୂଲ୍ୟରେ ସଂସ୍କୃତ ଦିବସ ପାଳିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଦନମୋହନ ରଥ ମୁଖ୍ୟଅତିଥି ତଥା ଉପଦେଷ୍ଟା ନିଳମଣି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି କେଶବଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ସମ୍ପାଦକ ରାଜକିଶୋର ପଣ୍ଡା ବିବରଣୀ ପାଠ କରିଥିଲେ। ଗିରିଜା ଶଙ୍କର ରଥ, କିଶୋର କୁମାର ପୁରୋହିତ, ଡ. ଭବାନୀ ଶଙ୍କର ପଟେଲ ଓ ଡା. ବଂଶୀଧର ଦାନୀ ଯୋଗଦେଇଥିଲେ। ସଂସ୍କୃତ ଦିବସ ଉପଲକ୍ଷେ ବଲାଙ୍ଗିର ସଂସ୍କୃତ ମହାବିଦ୍ୟାଳୟ ଏବଂ ବିଶ୍ରାମ୍ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ଳୋକ ଆବୃତ୍ତି ହୋଇଥିଲା। ଶ୍ଳୋକ ଆବୃତ ପ୍ରତିଯୋଗିତାରେ ପ୍ରକାଶଚନ୍ଦ୍ର ବେହେରା ପ୍ରଥମ, ଶୁଭଶ୍ରୀ ଜେନା ଦ୍ୱିତୀୟ ଏବଂ ବିନ୍ଦୁ ମୁନା ତୃତୀୟସ୍ଥାନ ଅଧିକାର କରିଥିବାବେଳେ ବିଶ୍ରାମ୍ ବିଦ୍ୟା ମନ୍ଦିରର ଛାତ୍ରୀ ସୃଷ୍ଟିରୁପା ତ୍ରିପାଠି ପ୍ରଥମ, ବିନ୍ଦିଆ ବେହେରା ଦ୍ୱିତୀୟ ତଥା ରାଧିକା ବରେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଧୁସୂଦନ ନାୟକ, ସଚିଦାନନ୍ଦ ନାୟକ, ବଳିଷ୍ଠ ପ୍ରଧାନ, ବନମାଳି ନନ୍ଦ, ମନୋରଞ୍ଜନ ମିଶ୍ର, ଜଗଦିଶ ପ୍ରସାଦ ନାଥ, ବିଶ୍ୱ ରଞ୍ଜନ ତ୍ରିପାଠି, ନନ୍ଦଲାଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଶିତାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି



ବଙ୍ଗୋମୁଣ୍ଡା, ୧୪।୮ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗାଁରେ ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ହୁଲେଶ୍ୱର ହଂସଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଅକ୍ଟୋବର ୨୧, ୨୨, ୨୩ ତିନି ଦିନ ଧରି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଗତବର୍ଷର ଆୟବ୍ୟୟ ସମ୍ପର୍କ ରେ ଆଲୋଚନା ହୋଇଥିଲା। କପିଳାଭଟା ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ଭୋଇ, ସମିତି ସଭ୍ୟ କେଦାର ଭୋଇ, ବରିଷ୍ଠ ନେତା ଦୁର୍ଦ୍ଦା ହଂସ, ମାଁ ସାହାଜୀ ଯୁବକ ସଂଘ ର ସଂଯୋଜକ ପୃଥିରାଜ ବାଗ, ଧର୍ମେନ୍ଦ୍ର ଦାସ, ବୀର ହଂସ, ପାର୍ଥ ହଂସ, ମନମଥ ହଂସ, ପରମାନନ୍ଦ ଛତ୍ରିଆ, ଯୁବରାଜ ହଂସ, କର୍ଣ୍ଣ ହଂସ, ହରପ୍ରସାଦ ହଂସ, ଛବିଲାଲ ଜାନୀ, ହେମନ୍ତ ହଂସ, ଦୟାକର ଗହିର ଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ବେଲପଡ଼ା କଲେଜରେ ବିଭାଜନ-ବିଭୀଷିକା ସ୍ମୃତି ଦିବସ



ବେଲପଡ଼ା, ୧୪।୮ (ସମିସ): ବେଲପଡ଼ା ପଞ୍ଚାୟତ ସମିତି କଲେଜରେ ବିଜେପି ତରଫରୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଛି। ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଲଙ୍କେଶ୍ୱର ମେହେର, ସାଂସଦ ପ୍ରତିନିଧି କୁନୁ ମୁଣ୍ଡା, ବିଧାୟକ ପ୍ରତିନିଧି ତନ୍ମୟ ଦାସ, କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର, ବରିଷ୍ଠ ଅଧ୍ୟାପକ ମନୋଜ କୁମାର ମହାକୁଡ଼, ତନ୍ମୟ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ସ୍ୱାଗତଭାଷଣ ଦେଇଥିବା ବେଳେ କୁନୁ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ୍ ଘଟଣା


# ଡାଟାଏଣ୍ଟ୍ରି ଅପରେଟର ବହିଷ୍କୃତ

ପାଟଣାଗଡ଼, ୧୪।୮ (ସମିସ)

**● ଜାଲିଆତି ଭିନ୍ନକ୍ଷମ ସାର୍ଟିଫିକେଟ ଗୁଡ଼ିକର ପୁନଃତଦନ୍ତ ହେବ**

**'ସକାଳ' ପ୍ରଭାବ**

ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାକୁ ନେଇ 'ସକାଳ'ରେ ପ୍ରମାଣ ସହ ଲଗାତାର ଖବର ପ୍ରକାଶ ପାଇଆସୁଥିଲା। ଏହି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାଟାଏଣ୍ଟ୍ରି ଅପରେଟର ଶଶିକାନ୍ତ ବାରଲେଣ୍ଡିଆକୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ଜାଲିଆତି ହୋଇଥିବା ଭିନ୍ନକ୍ଷମ ସାର୍ଟିଫିକେଟ ଗୁଡ଼ିକର ପୁନଃ ତଦନ୍ତ କରାଯିବ ବୋଲି କହିଛନ୍ତି। ତେବେ କେବଳ ଡାଟାଏଣ୍ଟ୍ରି ଅପରେଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚୁପ୍ ରହିଛି ସ୍ୱାସ୍ଥ୍ୟ ବିଭାଗ। ଏହି ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣାରେ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ସହ ଭିନ୍ନକ୍ଷମ ପାଇଁ ଯାଞ୍ଚ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଇନାହିଁ ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ପାଲଟିଛି। ଅନ୍ୟପଟେ କ୍ୟାମ୍ପ ସମୟରେ ସେଠାରେ ଯାଞ୍ଚ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଏକ ଭିଡିଓ ମଧ୍ୟ 'ସକାଳ' ହାତରେ ଲାଗିଛି। ପାଟଣାଗଡ଼ ବ୍ଲକ ଅଞ୍ଚଳରେ ଏହି ଜାଲିଆତି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ସୁସ୍ଥ ସବଳ କିଭଳି ଭିନ୍ନକ୍ଷମ ଭତ୍ତା ଲୁଟ କରୁଛନ୍ତି ଏହାର ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଉଠିଛି। ପାଟଣାଗଡ଼ ବିଡିଓ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଏନେଇ କୌଣସି ତଦନ୍ତ ହୋଇନଥିବା ଜଣାପଡ଼ିଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟିଦେଇ ଏହି ଜାଲିଆତି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପ୍ରବୃଦ୍ଧ ଭିନ୍ନକ୍ଷମ ବ୍ୟକ୍ତି ମହଲରେ ଦାବି ହେଉଛି।

# ମେଟ୍ରୋ ପ୍ରକଳ୍ପ ପାଇଁ ଦିଆଯିବ କେନ୍ଦ୍ରକୁ ପ୍ରସ୍ତାବ

## ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି

ଭୁବନେଶ୍ୱର,୧୪।୮ (ସମିସ): ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ। କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ମାଣ ହେବ ମେଟ୍ରୋ। ଏହାସହ ପ୍ରକଳ୍ପ ଆଗକୁ ନେବାକୁ ଏକ ବିସ୍ତୃତ ଗତିଶୀଳ ଯୋଜନା ପ୍ରସ୍ତୁତ କରାଯିବ। ନୂଆ ଢାଞ୍ଚାରେ ଏକ ଟେକ୍ନିକାଲ କମିଟି ଗଠନ ହେବ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପ ବୁଲି ଦେଖିବେ। ଏହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ରିପୋର୍ଟ ଆଧାରରେ ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରିସ୍ତରୀୟ ସବ୍-କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ନୂଆ ଢାଞ୍ଚାରେ ଏକ ଟେକ୍ନିକ୍‌କାଲ କମିଟି ଗଠନ ହେବ। ଏଥିରେ ଅଧିକାରୀମାନଙ୍କ ସମେତ ଏକ୍ସପର୍ଟ ରହିବେ। ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଲୋକଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମତାମତ ସଂଗ୍ରହ କରାଯିବ। କେଉଁଠି ଷ୍ଟେସନ ନିର୍ମାଣ ହେବ, କେଉଁଠି ପାର୍କିଂ କରାଯିବ, ସେଥିପାଇଁ କମିଟି ସ୍ଥିର କରିବ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ସମ୍ପର୍କିତ ବୟାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀ ସିଂହଦେଓ ମେଟ୍ରୋ ନିର୍ମାଣ ପାଇଁ ବୈଠକରେ ବସିଥିଲେ। ସହରଗୁଡ଼ିକରେ ମେଟ୍ରୋ କ୍ଷତିରେ ଚାଲୁଛି ବୋଲି କହିଥିଲେ। ମେଟ୍ରୋକୁ ସେତିକି ଯାତ୍ରୀ ଆସୁନାହାନ୍ତି, ଏଣୁ ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି ବୋଲି ସେ କହିଥିଲେ। ଟେକ୍ନିକାଲ କମିଟି ଏସବୁକୁ ଅନୁଧ୍ୟାନ କରିବ। ଏହାପରେ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣକୁ ନେଇ ବହୁବାର କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ବହୁବାର କେନ୍ଦ୍ର ସରକାରଙ୍କ ସହଯୋଗ ମିଳିନଥିଲା। ଏଣୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ମେଟ୍ରୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେଇଥିଲା। ଏହି ଆଧାରରେ ମେଟ୍ରୋ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଟେଣ୍ଡର ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି ଅନେକ କିଛି କାମ ଆଗକୁ ଯାଇଥିଲା। ହେଲେ ସରକାର ବଦଳିବା ପରେ ମଧ୍ୟ କିଛି ଦିନ କାମ ଚାଲିଲା। ମେଟ୍ରୋ ପ୍ରକଳ୍ପକୁ ଅଚାନକ ସ୍ଥଗିତ କରାଗଲା। ଠିକାସଂସ୍ଥା ସହ ଟେଣ୍ଡର ବାତିଲ କରାଗଲା। ଯାହା ପୂର୍ବରୁ ହୋଇ ସାରିଥିଲା ସେସବୁ ପୁଣି କରାଯିବ।



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା

# ଓଡ଼ିଶାର ୨ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

**୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ**

ଭୁବନେଶ୍ୱର,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଦେଶରେ ବୀରତା ଏବଂ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବ। ତନ୍ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ, ଏଏସ୍‌ପି ରବୀନ୍ଦ୍ର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ ପଟେଲ। ସେହିପରି ଭାବେ ଓଡ଼ିଶାରୁ ୯ ଜଣ ସାହସିକତା ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ଓଡ଼ିଶାର ଯେଉଁ ୯ ଜଣ ସାହସିକତା ପୁରସ୍କାର ପାଇବେ, ସେମାନଙ୍କ ମଧ୍ୟରେ ସବ୍-ଇନ୍ସପେକ୍ଟର୍ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀନ ଶେଷ୍ଠ ଏବଂ ଅଭିମନ୍ୟୁ ମାଝୀ ରହିଛନ୍ତି। ସେହିପରି ୧୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁଲିସ ପଦକ ପ୍ରଦାନ କରାଯିବ। ଅଧିକାରୀମାନେ ହେଲେ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଉପ ପୁଲିସ ଅଧୀକ୍ଷକ ଆଶିଷ କୁମାର ରାଉତ, ଇନ୍ସପେକ୍ଟର୍ ଏ. ଶ୍ରୀନିବାସ ଦୋରା, ଉପ ପୁଲିସ ଅଧୀକ୍ଷକ ହେମାମାଳନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର୍ ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ-ଇନ୍ସପେକ୍ଟର୍ ଅରୁଣ କୁମାର ସାମନ୍ତ, ସହକାରୀ ସବ-ଇନ୍ସପେକ୍ଟର୍ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ।

ସୂଚନାଯୋଗ୍ୟ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ୧,୦୯୦ ଜଣ ପୁଲିସ, ଅଗ୍ନିଶମ, ହୋମଗାର୍ଡ, ନାଗରିକ ପ୍ରତିରକ୍ଷା ଏବଂ ସୁଧାର ସେବା କର୍ମଚାରୀଙ୍କୁ ସାହସିକତା ତଥା ସେବା ପଦକ ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୯୯ଜଣଙ୍କୁ ରାଷ୍ଟ୍ରପତି ପଦକ, ୨୩୩ ଜଣଙ୍କୁ ସାହସିକତା ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୭୫୮ଜଣଙ୍କୁ ପଦକ ମିଳିବ।

## ଧାନ ବିକ୍ରି ପଞ୍ଜୀକରଣ ଅଡୁଆ

# ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ




ବରଗଡ଼, ୧୪।୮ (ସମିସ): ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ। ବରଗଡ଼ ଜିଲ୍ଲାରେ ଆଜି ଜାତୀୟ ରାଜପଥ ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଦାବି କରି ଆଜି ବହୁ ସଂଖ୍ୟାରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିବାକୁ ଆସିଥିଲେ। ବରଗଡ଼ କଳାପାଣି ମାର୍କେଟ୍ ୟାର୍ଡରେ ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ଯୋଜନା କରୁଥିଲେ। କିନ୍ତୁ ପୁଲିସ ସେଠାରୁ ଚାଷୀମାନଙ୍କୁ ଉଠାଇ ନେଇଥିଲା। ତେବେ ପୁନର୍ବାର ଫରାପାର୍ଟ ମନ୍ଦିର ସମ୍ମୁଖରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାକୁ ମଧ୍ୟ ଏସ୍‌ଡିପିଓ ପଦାରବିନ୍ଦ

### ଚାଷୀଙ୍କୁ ଉଠାଇନେଲା ପୁଲିସ

ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଠାଇ ନେଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କୁ ନେଇ ରିଜର୍ଭ ପଡ଼ିଆରେ ଅଟକ ରଖିଥିବା ବେଳେ କିଛି ଚାଷୀ ସେଠାରୁ ଆସି ପୁଣି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ୍ ପୁଣି ସେମାନଙ୍କୁ ଉଠାଇ ନେଇଥିଲେ। ପରେ ମନ୍ଦିର ପରିସର ସମ୍ମୁଖରେ ଚାଷୀଙ୍କ ଆଲୋଚନା ବେଳେ ଆଉ ଥରେ ଚାଷୀଙ୍କୁ ଉଠାଇ ନେଲା ପୁଲିସ। ଫଳରେ ଆଜି ଦିନସାରା ବିଭିନ୍ନ ସ୍ଥାନରେ ଚାଷୀ ଓ ପୁଲିସ ମୁହାଁମୁହିଁ ହୋଇଥିବା ଦେଖାଯାଇଥିଲା।

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର୍ ମଦନ ପଣ୍ଡା, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ସମସ୍ତ ଚାଷୀଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ। ତେବେ ଆଜିର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଥିଲା। ସରକାର ପଞ୍ଜୀକରଣ ସମସ୍ୟାର ତୁରନ୍ତ ସମାଧାନ ନ କଲେ, ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

## ସ୍ୱାବଲମ୍ବନର ଜୟଗାନ

ଆମେ ଆଜି ଏଭଳି ଏକ ସମୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ, ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାଭିମାନ ପ୍ରତି ପୁଣି ଏକ ବିଶାଳ ଆହ୍ୱାନ ସୃଷ୍ଟି ହୋଇଛି। ପ୍ରାୟ ତିନିମାସ ତଳେ ଆମେ ପାରମ୍ପରିକ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହିତ ଅଘୋଷିତ ଯୁଦ୍ଧର ସମ୍ମୁଖୀନ ହୋଇଛୁ, ଅଥଚ ସୀମାରେ ତିନିରାଷ୍ଟ୍ର ଚୀନ୍-ପାକିସ୍ତାନ-ତୁର୍କୀ ସାମରିକ ଶକ୍ତିର ମୁକାବିଲା କରିଛୁ। ଅସ୍ତ୍ରବିରତିର ଶ୍ରେୟ ଦାବି କରୁଥିବା ଆମେରିକାର ଅହଂକୁ ସ୍ୱୀକୃତି ନ ଦେବାର ପରିଣାମ ସ୍ୱରୂପ ଆମେ ସେହି ହିତଶତ୍ରୁ ରାଷ୍ଟ୍ରର ବାଣିଜ୍ୟ ଶୁଳ୍କ ଆକ୍ରମଣର ସମ୍ମୁଖୀନ ହୋଇଛୁ। ହୁଏତ ଏହାର ସୁଦୂରପ୍ରସାରୀ ଓ ବହୁମୁଖୀ ପ୍ରଭାବକୁ ପ୍ରତିହତ କରିବା ଲାଗି ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ତଥାପି ଆମେ ପ୍ରସ୍ତୁତ ଅଛୁ। ସ୍ୱାଧୀନତାର ଅମୃତକାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ଆମ ସ୍ୱାଧୀନ-ସାର୍ବଭୌମ, ବୀରତ୍ୱ-ବଳିଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ।

ଆଜି ଆମେ ତ୍ରିରଙ୍ଗା ତଳୁ ବିଦେଶୀ ଅହଂକାରୀ ଶକ୍ତିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁ ଯେ ଭାରତ ଆଉ ଏବେ ୧୯୫୦-୬୦ କାଳଖଣ୍ଡରେ ସୀମାବଦ୍ଧ ନାହିଁ। ଅସହାୟତା ଓ ବାଧବାଧକତାର ଶିକୁଳି ଛିଣ୍ଡାଇ ଭାରତ ଏବେ ମହାଶକ୍ତିର ମୁକ୍ତବିହଙ୍ଗ ରୂପେ ବିଶ୍ୱଅତିକ୍ରମଣ କରିବାର କ୍ଷମତା ରଖିଛି। ଯେଉଁ ଆମେରିକା ଦିନେ ଭାରତକୁ ମାଗଣା ଦାନା ଦେଉଥିବାର ଗର୍ବ କରୁଥିଲା ଆଜି ସେହି ରାଷ୍ଟ୍ର ଭାରତର କୃଷି ଓ କୃଷକଙ୍କ ଉତ୍କର୍ଷରେ ଈର୍ଷାନ୍ୱିତ ଓ ଭୟଭୀତ ଏବଂ ଭାରତୀୟ କୃଷି ବଜାରରେ ପ୍ରବେଶ କରିବାକୁ ବ୍ୟାକୁଳ। ଭାରତର ଶ୍ରୀଅନ୍ନ ବା ମିଲେଟ୍ ଆଜି ଜାତିସଂଘରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଏବଂ କ୍ଷୁଧାମୁକ୍ତ ବିଶ୍ୱ ଗଠନରେ ପ୍ରମୁଖ ଭାଗିଦାରୀ। ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ଅଭାବରୁ ୧୯୬୨ରେ ଚୀନ୍ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଦେଇଥିବା ଭାରତ ଏବେ ବିକଶିତ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିପାରୁଛି। ନେଭିଗେସନ୍ ଓ ଜିପିଏସ୍ ସୂଚନା ସହାୟତା କ୍ଷେତ୍ରରେ ଆମେରିକାର ଅସହଯୋଗରୁ କାରଗିଲ୍ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଥିବା ଭାରତ ଏବେ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି; ଉପଗ୍ରହ ପ୍ରେରଣରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନା କରିଛି; ସୂର୍ଯ୍ୟଙ୍କୁ ନିକଟକୁ ଯିବାର ଦୁର୍ବାର ସାହସ କରିଛି ଏବଂ ଗଗନଯାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି; ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ୍ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ-ସ୍ୱୟଂକ୍ରିୟ-ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ ହୋଇଛି; ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସାଂଖ୍ୟିକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ୍ ଆଇଟି ହବ୍ ସିଲିକନ୍ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନ୍‌ଲାଇନ୍ ଆର୍ଥିକ ଦେଣନେଣ ମାଧ୍ୟମ 'ୟୁପିଆଇ' ଆମେରିକାର ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପ୍‌ଲ୍, ଟେସ୍‌ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍‌ର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା 'ଟଙ୍କା'ର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି।

ବହୁମତ, ବହୁ ପନ୍ଥ, ବହୁ ବାଦ ଓ ବିବିଧ ସଂସ୍କୃତି ଭିତରେ ଭାରତର ସାର୍ବଭୌମତ୍ୱର ଶକ୍ତି ହେଉଛି ଏହାର ଏକତା, ଯାହାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ଓ ଗୌରବାନ୍ୱିତ। ଶାନ୍ତି, ସଂଯମ, ଭ୍ରାତୃତ୍ୱ ଆଦି ଅତିମାନବୀୟ ଗୁଣ ଭାରତର ଜନ୍ମଗତ। ଅହିଂସାର ଜନ୍ମଦାତା ଭାରତ 'ବସୁଧୈବ କୁଟୁମ୍ବକମ୍'ର ଉଦ୍‌ଘୋଷକ। ତେଣୁ ଭାରତର ସାର୍ବଭୌମ ଓ ଅଭ୍ୟୁଦୟ ଅନ୍ୟ ପାଇଁ ଆତଙ୍କ ଓ ବିପଦର ସଂକେତ ନୁହେଁ, ବରଂ ସ୍ୱାବଲମ୍ବନର ସନ୍ଦେଶ। ଯୁଦ୍ଧଖୋର ବିଶ୍ୱରେ ଭାରତ ଭ୍ରାତୃତ୍ୱର ବାର୍ତ୍ତାବହ। ଅତିମାନବିକତାର ଏହି ବିଶାଳ ଭିତ୍ତି ଉପରେ ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଭାରତୀୟତାର ଜୟଗାନ କରିବା ଲାଗି ଏହା ହିଁ ଶ୍ରେଷ୍ଠ ଅବକାଶ।

# ସମ୍ମାନ ଓ ପ୍ରେରଣାର ତ୍ରିରଙ୍ଗା

**ପ୍ରହଲାଦ କୁମାର ସିଂହ**

ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି ଓ ପ୍ରେରଣାର ଅଫୁରନ୍ତ ଉତ୍ସ ଆମ ତ୍ରିରଙ୍ଗା। ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ, ସାର୍ବଭୌମତ୍ୱର ଅମୃତ ସନ୍ଦେଶ ଦେଇ ଆସୁଥିବା ଆମ ଜାତୀୟ ପତାକା ତ୍ରିରଙ୍ଗା ପଛରେ ରହିଛି ହଜାର ହଜାର ସହିଦଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣର ଇତିହାସ।

ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ। ଏହି ପତାକାର ଚାରିପଟର ଥିବା ଧଡ଼ିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧ୍ୟଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର। ବଜ୍ରର ଦୁଇପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍'। 'ବଙ୍ଗ ଭଙ୍ଗ ଆନ୍ଦୋଳନ' ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡ଼ାଇଥିଲେ। ଏହି ପତାକାର ଉପର ଅଂଶଟି ନୀଳ, ମଧ୍ୟଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା। ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖାଯାଇଥିଲା 'ବନ୍ଦେ ମାତରମ୍'। ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ।

୧୯୦୭ ଅଗଷ୍ଟ ୨୨ ଆମ ପତାକାର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ଜର୍ମାନୀର ଷ୍ଟୁଟ୍‌ଗାର୍ଟ ସହରରେ ଅନୁଷ୍ଠିତ 'ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ' ଅବସରରେ କାଥିଆବାଡ଼ର ଜଣେ ବିପ୍ଳବିନୀ ପାର୍ସି ମହିଳା ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା' ମାଧ୍ୟମରେ ବିଶ୍ୱର ଅନ୍ୟରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡ଼ିବା ସହ ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ। ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା। ଏହାର ଉପର ଅଂଶଟି ସବୁଜ, ମଧ୍ୟଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା। ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ, ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍'। ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା। ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ। ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା। ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା।

ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ ୧୯୨୧ରେ ବେଜୱାଡାଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟି ଗୁଡ଼ିଏ ପତାକାର ନକ୍ସା ଦେଖାଇଥିଲେ। ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ଼ ଚରଖାର ଚିହ୍ନ ଥିଲା। ହିନ୍ଦୁ-ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ। ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡ଼ିବା ପାଇଁ ଗାନ୍ଧୀ ଆଗ୍ରହ ପ୍ରକାଶ କରିଥିଲେ। ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା। ୧୯୨୯-୩୦ର ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ 'ପୂର୍ଣ୍ଣସ୍ୱରାଜ ଦିବସ' ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା। ୧୯୩୦ର 'ଲବଣ ସତ୍ୟାଗ୍ରହ' ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା।

୧୯୩୧ରେ ଅନୁଷ୍ଠିତ 'କରାଚୀ କଂଗ୍ରେସ ଅଧିବେଶନ'ରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟି କରିଥିବା ସୁପାରିସ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ। ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାବିତ୍ ଜାନକୀ ଦାସ ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ଥିବା ଏହି ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଇତିହାସ ରଚିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା। ଏହାର ମଧ୍ୟ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ୧୯୪୭ ଜୁନ୍ ମାସରେ ଏକ ସମିତି ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧ୍ୟଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକଚକ୍ର, ଯାହାକୁ 'ଧର୍ମଚକ୍ର' ଓ 'ସମୟଚକ୍ର' ବୋଲି କୁହାଯାଏ। ଆମ ପତାକାର ଶୀର୍ଷଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ହୋଇଥିବା ବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ। ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି। ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ। ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧୀ ଅଶୋକଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ।

ଭାରତଛାଡ଼ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଓଡ଼ିଶାର ମାଥିଲି, ନିମାପଡ଼ା, ପାପଡ଼ାହାଣ୍ଡି, ଲୁଣିଆ, ଇରମ, ତୁଡ଼ିଗଡ଼ିଆ-ଖଇରାଡିହି, କାଇପଡ଼ା-କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ। ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଓଡ଼ିଶାରେ ଶତାଧିକ ସଂଗ୍ରାମୀ ସହିଦ ହୋଇଥିଲେ। ଏ ମାଟି ବଳିଦାନର ବୋଲି ସେମାନେ ପୁନର୍ବାର ପ୍ରମାଣିତ କରିଗଲେ।

ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ସହିଦ ହୋଇଥିଲେ। ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁପ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷିୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ। 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ସହିଦ ହୋଇଥିଲେ। ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୂନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ। ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ସେନାବାହିନୀର ବ୍ୟୁହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ। ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡ଼ାଇବାର ସାହସ କରିଥିଲେ। ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିବା ବେଳେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ସଫଳ ପ୍ରଚେଷ୍ଟା କରିଥିଲେ। ଏମିତି ଉଦାହରଣ ଅସରନ୍ତି।

୧୯୪୭ ଅଗଷ୍ଟ ୧୫ଠାରୁ ଆମେ ସମ୍ମାନର ସହ ତ୍ରିରଙ୍ଗା ଉଡ଼ାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ। ପ୍ରତ୍ୟେକ ଭାରତୀୟ ନାଗରିକ ସେମାନଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ୍ୟ ରାୟ ଦେଇଛନ୍ତି।

ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସତ୍ୟାଗ୍ରହୀ, କ୍ରାନ୍ତିକାରୀ ଓ ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମାଜସେବୀ, କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ଆର୍ଥିକ ସ୍ୱାଧୀନତା

**ଅନନ୍ତ ଚରଣ ସ୍ୱାଇଁ**

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ସେଥିପାଇଁ ପ୍ରତ୍ୟେକ ନାଗରିକ ଗର୍ବିତ। କେତେକ ସ୍ଥଳରେ ସ୍ୱାଧୀନତାର ଅପବ୍ୟବହାର, ସାଧାରଣ ବ୍ୟକ୍ତିକୁ ବ୍ୟଥିତ କରେ। ବାକ୍ ସ୍ୱାଧୀନତା ନାଁରେ ଅସାମ୍ବିଧାନିକ ମତାମତ, ବିଶୃଙ୍ଖଳା ସୃଷ୍ଟିକାରୀ ବକ୍ତବ୍ୟ, ହିଂସା ପ୍ରଣୋଦିତ, ପୋଷାକ ପତ୍ରର ସ୍ୱାଧୀନତା ଦର୍ଶାଇ ଅଶାଳୀନ ପରିଧାନ ବ୍ୟବହାର କରିବା ମଧ୍ୟ ନିନ୍ଦନୀୟ। ଅନେକ ସ୍ଥଳରେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ କଦର୍ଥର ରୂପ ଦିଆଯାଉଛି।

ଆମେ ସମସ୍ତେ ସ୍ୱାଧୀନ ହେବାକୁ ଚାହୁଁଛୁ। ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କିମ୍ବା ସାମାଜିକ ସ୍ୱାଧୀନତା ନୁହେଁ। ଆର୍ଥିକ ସ୍ୱାଧୀନତା ସେଥିମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ସ୍ୱାଧୀନତା ହେଉଛି ଏକ ଅବସ୍ଥା, ଯେଉଁଠାରେ ଜୀବନ ଜିଇଁବା ପାଇଁ କାହାରି ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ ନାହିଁ କିମ୍ବା ବାଧ୍ୟତାମୂଳକ କାମ କରି ରୋଜଗାର କରିବାର ପ୍ରୟୋଜନ ମଧ୍ୟ ନଥାଏ। ଆୟ ଉତ୍ସ ସ୍ୱୟଂପ୍ରେରିତ ଭାବେ ବା ନିଷ୍କ୍ରିୟ ଆୟ ରୂପେ ସମସ୍ତ ଖର୍ଚ୍ଚର ଭରଣା କରିଥାଏ। ଅନ୍ତତଃ ଅର୍ଥ ପାଇଁ କାହାରି ଉପରେ ଭରସା ନରଖି ଆତ୍ମନିର୍ଭର ହେବା, ବଞ୍ଚିଥିବା ଯାଏଁ ସ୍ଥିର ଆୟ, ବ୍ୟୟ ନିୟନ୍ତ୍ରଣ, ଦୀର୍ଘକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତ କରି ସେହି ଅନୁଯାୟୀ ପରିଚାଳିତ ହେବା ହେଉଛି ଆର୍ଥିକ ସ୍ୱାଧୀନତା।

ଆର୍ଥିକ ସ୍ୱାଧୀନତା ପାଇଁ ଆୟ ବୃଦ୍ଧି, ଦକ୍ଷତାରେ ଉନ୍ନତି, ପାର୍ଶ୍ୱ ବ୍ୟବସାୟ, ବଜେଟିଂ, ଅର୍ଥ ବିନିଯୋଗ ଓ ନିଷ୍କ୍ରିୟ ଆୟ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଚାକିରିରେ ଅନିଶ୍ଚିୟତା, ମୁଦ୍ରାସ୍ଫୀତି, ଶିକ୍ଷା, ସାମାଜିକ ଉତ୍ସବ ଅନୁଷ୍ଠାନ, ଚିକିତ୍ସା ପରି ପାରିବାରିକ ଦାୟିତ୍ୱ ଏବଂ ବୃଦ୍ଧାବସ୍ଥାରେ ସୁରକ୍ଷା ପାଇଁ ଦରକାର ହେଉଥିବା ଅର୍ଥ ନିମନ୍ତେ କାହାରି ଉପରେ ନିର୍ଭର ନହେବାକୁ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଆର୍ଥିକ ସାକ୍ଷରତାର ଅଭାବ, ତତ୍କାଳୀନ ସୁଖର ଆକର୍ଷଣ, ଋଣ ଯନ୍ତ୍ରା, ଦରଦାମ ବୃଦ୍ଧି, କ୍ରେଡିଟ କାର୍ଡ ଉପରେ ଅଧିକ ନିର୍ଭରଶୀଳତା ଆଦି ଆର୍ଥିକ ସ୍ୱାଧୀନତା ଆଣିବାରେ ପ୍ରତିବନ୍ଧକ।

ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ଏହି ସଂଗ୍ରାମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ। ଯୁବ ପିଢ଼ିଙ୍କ ପାଇଁ ବର୍ତ୍ତମାନ ହେଉଛି ବହୁ ମୂଲ୍ୟବାନ। ବିଳମ୍ବ ନକରି ଆୟର କିଛିଅଂଶ ଭବିଷ୍ୟତ ପାଇଁ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥା ବେଳକୁ ଏହା ବୃଦ୍ଧି ପାଇ ଏକ ବୃହତ ରାଶିରେ ପରିଣତ ହେବ ଏବଂ ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସ୍ୱାଧୀନତା ମିଳିବ। ଶିଶୁ ଓ



କିଶୋରମାନେ ମଧ୍ୟ ଏହି ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ପାରିବେ। ସେମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚରୁ ବଞ୍ଚାଇ ସଞ୍ଚୟ କରିବା, ଜନ୍ମ ଦିନ, ବ୍ରତଘର ପରି ଉତ୍ସବଗୁଡ଼ିକରେ ଅତ୍ୟଧିକ ବ୍ୟୟ ନକରି ଖର୍ଚ୍ଚ କାଟି ତାହା ସଞ୍ଚୟ ଏବଂ ଠିକ ଭାବେ ବିନିଯୋଗ କଲେ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ଏହା ଆଶାତୀତ ବୃଦ୍ଧି ପାଇଥାଏ।

ବରିଷ୍ଠ ନାଗରିକ, ଶିଶୁ, କିଶୋର ଓ ଯୁବକମାନଙ୍କ ଆର୍ଥିକ ଜ୍ଞାନ, ଆର୍ଥିକ ସ୍ୱାଧୀନତା, ଆର୍ଥିକ ପରାଧୀନତାର କାରଣ ଓ ନିରାକରଣ, ସେମାନେ କରିଥିବା ଭୁଲର ପୁନରାବୃତ୍ତି ନକରିବା ଏବଂ ସେମାନଙ୍କର ଆର୍ଥିକ ସଫଳତାର କାରଣ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଫଳପ୍ରଦ ହୋଇଥାଏ। ସ୍ୱାଧୀନ ଦେଶରେ ଆର୍ଥିକ ପରାଧୀନ ହେଉଛି ଏକ ଅଭିଶାପ। ଆର୍ଥିକ ସ୍ୱାଧୀନତା ପାଇଁ ସଚେତନତା ସହ ଉପଯୁକ୍ତ ସଂଗ୍ରାମ ଦରକାର। ଠିକ ସମୟରେ ଠିକ ନିଷ୍ପତ୍ତି ଆର୍ଥିକ ସ୍ୱାଧୀନତା ଆଣିବାରେ ସକ୍ଷମ। ଏହାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସବୁ ନାଗରିକଙ୍କର। ଆର୍ଥିକ ସ୍ୱାଧୀନତା ଏକ ଜୀବନ ଦର୍ଶନ। ଏହାଦ୍ୱାରା ଶରୀର, ଧନ ଓ ମନର ସଠିକ ସମନ୍ୱୟ ଘଟି ଜୀବନରେ ସୁଖ ଶାନ୍ତି ଆସିଥାଏ।

ଆର୍ଥିକ ସ୍ୱାଧୀନତା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଆର୍ଥିକ ସ୍ୱାଧୀନତା ନଥିଲେ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଉପଲବ୍ଧି କରିହେବ ନାହିଁ। ଆସନ୍ତୁ ସମସ୍ତେ ଶପଥ ନେବା - ନିଜର ଆର୍ଥିକ ସ୍ୱାଧୀନତା ଆଣିବା ସହ ଅନ୍ୟମାନଙ୍କ, ବିଶେଷକରି ଗରିବ ଲୋକଙ୍କ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହେବା।

ପଲେଇ(କେନ୍ଦ୍ରାପଡ଼ା)ମୋ: ୭୩୮୧୦୪୬୪୭୭୦

# ଖମ୍ବ ସ୍ୱରୂପରେ ପୂଜା ପାଆନ୍ତି ମେଘନାଦ

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

ଲଙ୍କାପତି ରାବଣ ଓ ମନ୍ଦୋଦରୀଙ୍କ ଜ୍ୟେଷ୍ଠପୁତ୍ର ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ସ୍ୱର୍ଗ ଅଧିକାର କରିଥିଲେ। ତେଣୁ ତାଙ୍କର ଅନ୍ୟ ଏକ ନାମ ଇନ୍ଦ୍ରଜିତ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କୃପାରୁ ସେ ହୋଇପାରିଥିଲେ ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର ଓ ପଶୁପାତାସ୍ତ୍ରର ଅଧିକାରୀ। ଅନେକ ଚମତ୍କାରୀ ଦିବ୍ୟାସ୍ତ୍ର, ତନ୍ତ୍ର ବିଦ୍ୟା ଓ ସିଦ୍ଧି ହାସଲ କରିଥିବା ମେଘନାଦଙ୍କ ପିତୃଭକ୍ତି ରାମତୁଲ୍ୟ ବୋଲି ବର୍ଣ୍ଣିତ। ମେଘନାଦ ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଭାରତର କେତେକ ଜନଜାତିଙ୍କ ପାଇଁ ପୂଜନୀୟ। ସେମାନେ ମେଘନାଦଙ୍କୁ କୁଳଦେବତା ଭାବେ ପୂଜା କରୁଛନ୍ତି। ଏଥିସହିତ ପ୍ରକୃତିର ରକ୍ଷାକର୍ତ୍ତା ଭାବେ ମେଘନାଦଙ୍କ ପୂଜାର୍ଚ୍ଚନା ଓ ଆଶିଷ ଲାଭ ପାଇଁ ପ୍ରତିବର୍ଷ ଆୟୋଜନ କରନ୍ତି ମେଘନାଦ ମେଳା।

ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳ ଛିନ୍ଦୱାଡ଼ା ଜିଲ୍ଲାର ଉମରେଠ, ବେତୁଲ, ସାରନା, ସତପୁଡ଼ା ଓ ଚୋରଇ ଆଦି କେତେକ ଅଞ୍ଚଳରେ ବସବାସ କରୁଥିବା କୋରାକୁ ଓ ଭାରିଆ ଜନଜାତି ସମ୍ପ୍ରଦାୟଙ୍କ ନିଜକୁ ରାବଣଙ୍କ ବଂଶଜ ବୋଲି ମାନୁଥିବାରୁ ମେଘନାଦଙ୍କୁ କୁଳଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ମୁଖ୍ୟତଃ ଭଲ ବର୍ଷା ଓ ଉତ୍ତମ ଫସଲ, ମନୋବାଞ୍ଛା ପୂରଣ, ସନ୍ତାନର ମଙ୍ଗଳକାମନା, ସମସ୍ୟାର ସମାଧାନ ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ମେଘନାଦଙ୍କୁ ପୂଜା କରାଯିବାର ପରମ୍ପରା ସେଠାରେ ପ୍ରଚଳିତ। ହୋଲି ପରଦିନଠାରୁ ପାଞ୍ଚଦିନ (ସ୍ଥାନୀୟ ଭାଷାରେ ରଙ୍ଗପଞ୍ଚମୀ) ପର୍ଯ୍ୟନ୍ତ ସେହି ଅଞ୍ଚଳରେ ମେଘନାଦ ମେଳାର ଆୟୋଜନ ହୋଇଥାଏ। ଏଥିରେ କୃଷକ ଓ ଯୁବବର୍ଗଙ୍କ ଅଧିକ ସମାଗମ ହୁଏ। ଗୋଟିଏ ଉଚ୍ଚ ସିଧା ଗଛର ଗଣ୍ଡିକୁ କାଟି ଗାଁର ମଧ୍ୟଭାଗରେ କିମ୍ବା ମନ୍ଦିର ପାଖରେ ପୋତା ଯାଇଥାଏ। ଏହି ଗଣ୍ଡି ବା ଖମ୍ବର ଉଚ୍ଚତା ୨୫ରୁ ୪୦ ଫୁଟ ହୋଇଥାଏ। ମେଘନାଦଙ୍କ ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଉଥିବା ଏହି ଖମ୍ବକୁ 'ଖଣ୍ଡେରା ଦେବ', 'ଖଣ୍ଡେରା ବାବା' ବା 'ମେଘନାଦ ଖମ୍ବ' ବୋଲି କୁହାଯାଏ। ଖମ୍ବକୁ ଗେରୁଆ ରଙ୍ଗରେ ସଜାଇବା ପରେ ଶୀର୍ଷ ଭାଗରେ ଅନ୍ୟ ଗୋଟିଏ କାଠକୁ ସମାନ୍ତରାଳ ଭାବେ ରଖାଯାଏ। ଏହି କାଠରେ ନିଜକୁ ବାନ୍ଧି ଭକ୍ତମାନେ ଘୂରି ଘୂରି ମନସ୍କାମନା ପୂରଣ ପାଇଁ ମେଘନାଦଙ୍କୁ ଆଶିଷ ଭିକ୍ଷା କରିଥା'ନ୍ତି। ମନସ୍କାମନା ପୂରଣ ହେବା ପରେ ମେଘନାଦଙ୍କୁ ଧନ୍ୟବାଦ ଦେବା ପାଇଁ ଖମ୍ବରେ ଚଢ଼ି ଘୂରିବାର ମଧ୍ୟ ପ୍ରଥା ରହିଛି। ମେଘନାଦଙ୍କ କୁଳଦେବୀ ନିକୁମ୍ଭିଳାଙ୍କ ବିଶେଷ ପୂଜାର୍ଚ୍ଚନା ପରେ ପୂଜାରୀ ଗୋଟିଏ ନଡ଼ିଆକୁ ବହୁ ଉଚ୍ଚକୁ ଫୋପାଡ଼ି ଦେଇଥା'ନ୍ତି। କିଛି ସମୟ ପରେ ଉକ୍ତ ନଡ଼ିଆକୁ ଭାଙ୍ଗିଦିଆଯାଏ। ଯଦି ନଡ଼ିଆରୁ ପାଣି କମ୍ ବାହାରେ, ତା'ହେଲେ କମ୍ ବର୍ଷା ହେବ ଏବଂ ଅଧିକ ପାଣି ବାହାରିଲେ ଭଲ ବର୍ଷା ହେବାର ଆଗୁଆ ସୂଚନା ମିଳିଥାଏ। ପ୍ରାୟ ୩୦୦ ବର୍ଷ ଧରି ମେଘନାଦ ମେଳାକୁ ନେଇ ଏହଭଳି ବିଶ୍ୱାସ ରହିଆସିଛି।

ଛିନ୍ଦୱାଡ଼ା ଜିଲ୍ଲାସ୍ଥିତ ଏକାଧିକ ଗାଁର ନାମ ମଧ୍ୟ ମେଘନାଦ ଓ ଅସୁରରାଜ ରାବଣଙ୍କ ନାମାନୁସାରେ ରଖାଯାଇଛି। ସ୍ଥାନୀୟ ଲୋକକଥା ଅନୁସାରେ ଛିନ୍ଦୱାଡ଼ା ଜିଲ୍ଲାର ତାମିଆ ନାମକ ସ୍ଥାନ ନିକଟବର୍ତ୍ତି ପାତାଳକୋଟକୁ ଅହିରାବଣଙ୍କ ପାତାଳଲୋକ ବୋଲି କୁହାଯାଉଛି। ଅହିରାବଣ ଶ୍ରୀରାମ ଓ ଲକ୍ଷଣଙ୍କୁ ଅପହରଣ କରି ଏହି ପାତାଳକୋଟରେ ହିଁ ରଖିଥିଲେ। ସ୍ଥାନୀୟ ଲୋକଗୀତରେ ମଧ୍ୟ ରାବଣ ଓ ମେଘନାଦଙ୍କ ଅନେକ କାହାଣୀ ଶୁଣିବାକୁ ମିଳିଥାଏ। ଏହା ବ୍ୟତୀତ ମଧ୍ୟପ୍ରଦେଶର ମଣ୍ଡି ବାମୋରା ଅନ୍ତର୍ଗତ ପଲିତା ନାମକ ଗାଁରେ ମେଘନାଦଙ୍କ ଏକ ମନ୍ଦିର ରହିଛି। ଗାଁର ପରମ୍ପରା ଅନୁଯାୟୀ ଅନୁଯାୟୀ ଦଶହରାରେ ରାବଣଙ୍କ କୁଶ ପୁତ୍ତଳିକା ଦହନ ପରିବର୍ତ୍ତେ ମେଘନାଦଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ଲୋକମାନେ ମେଘନାଦଙ୍କୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସମତୁଲ୍ୟର ମାନ୍ୟତା ଦେଇଛନ୍ତି। ତେଣୁ ପ୍ରଥମେ ମେଘନାଦଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା କରାଯାଏ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମେଘନାଦଙ୍କୁ ଶ୍ରୀଫଳ ସମର୍ପଣ ହୁଏ। ଏହି ଅଞ୍ଚଳରେ କାନ୍ୟକୁବ୍‌ଜ ବ୍ରାହ୍ମଣମାନେ ରହନ୍ତି, ଯେଉଁମାନେ ନିଜକୁ ରାବଣଙ୍କ ବଂଶଜ ବୋଲି କହନ୍ତି। ତେଣୁ ରାବଣଙ୍କ ପୁତ୍ର ମେଘନାଦଙ୍କ ପୂଜାର୍ଚ୍ଚନା ବିଧିବିଧାନର ସହିତ କରାଯାଏ। ଏହି ଗ୍ରାମରେ ମେଘନାଦ ଅଖଣ୍ଡ ତପସ୍ୟା କରିଥିଲେ ବୋଲି ଲୋକୋକ୍ତି ଅଛି। ତେଣୁ ତପସ୍ୟା କରିଥିବା ସ୍ଥାନରେ ଆଜି ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ଦୀପ ପ୍ରଜ୍ୱଳନ କରି ମେଘନାଦଙ୍କ ଆଶିଷ ଭିକ୍ଷା କରୁଛନ୍ତି। କାହିଁ କେଉଁ କାଳରୁ ଚାଲି ଆସିଥିବା ଆସ୍ଥା ଓ ବିଶ୍ୱାସର ଏହି ଧାରାରେ ଅସୁରମାନେ ମଧ୍ୟ ଦେବତା ପାଲଟି ଯାଇଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ୬୫ ଲକ୍ଷ ଭୋଟରଙ୍କ...

ତାଲିକାରୁ ବାଦ୍ ପଡ଼ିଛି ସେମାନେ ଆଧାର କାର୍ଡ ସହିତ ନିର୍ବାଚନ ଅଫିସ ଯାଇ ନିଜର ନାମକୁ ସାମିଲ କରିପାରିବେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ପହିଲାରେ କମିସନ ପକ୍ଷରୁ ଯେଉଁ ଭୋଟର ଚିଠାତାଲିକା ପ୍ରକାଶ କରାଯାଇଛି ସେଥିରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏହି ଭୋଟରଙ୍କ ନାମ ପୁରୁଣା ତାଲିକାରେ ଥିଲା । କମିସନ କହିଥିଲେ ଯେ ଯେଉଁମାନଙ୍କ ନାମ କଟାଯାଇଛି ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୩୪ ହଜାର ଜୀବିତ ନୁହନ୍ତି, ୩୬ ଲକ୍ଷ ୨୮ ହଜାର ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି । କମିସନ ଏହି ସଂଖ୍ୟା ଦେଇଥିଲେ ମଧ୍ୟ ଭୋଟରଙ୍କ ନାମ କିମ୍ବା ବାଦ୍ ପଡ଼ିବାର କାରଣ ଦର୍ଶାଇ ନଥିଲେ । ୨୦୦୩ରେ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜ ଦାଖଲ ପାଇଁ କୁହାଯାଇଥିଲା, ସେସଂପର୍କରେ ମଧ୍ୟ ରିପୋର୍ଟ ଦେବାଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି । ଆଜି ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ୨୦୦୩ ଭୋଟର ତାଲିକାରେ ଯେଉଁ ଭୋଟର ବା ସେମାନଙ୍କ ପିତାମାତାଙ୍କର ନାମ ରହିଥିଲା, ସେମାନଙ୍କ ଠାରୁ କୌଣସି ଦସ୍ତାବଜିତ ମଗାଯାଇ ନାହିଁ । ସେ ଆହୁରି କହିଥିଲେ ଯେ ଇଭିଏମକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା ବିବାଦରେ କମିସନକୁ ଅନାବଶ୍ୟକ ଭାବେ ଟଣାଯାଉଛି ।

### ୪୬ ମୃତ...

ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ପାଇଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଦ୍ଧାର ଅଭିଯାନରେ ସେନାକୁ ସାମିଲ କରାଯାଇଛି । ମାଟିତଳେ ୨୦୦ରୁ ୩୦୦ ଲୋକ ଫସିଥିବା ଆଶଙ୍କା କରାଯାଉଛି ବୋଲି ଡେପୁଟି କମିସନର ପଙ୍କଜ ଶର୍ମା କହିଛନ୍ତି । ଏନ୍‌ଡିଆରଏଫ୍‌ର ଦୁଇଟି ଦଳକୁ ଘଟଣା ସ୍ଥଳକୁ ପଠାଯାଇଛି । ସେ କହିଛନ୍ତି ଯେ ହଜାର ହଜାର ଶ୍ରଦ୍ଧାଳୁ ମଚୈଲ ଯାତ୍ରା ପାଇଁ ଚୋସିତି ଗାଁରେ ପହଞ୍ଚିଥିବା ବେଳେ ଏହି ଅଘଟଣ ଘଟିଥିଲା । ଯେଉଁ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ସେହିଠାରେ ହିଁ ପ୍ରବଳ ବର୍ଷା ହୋଇଥିଲା । ଏହି ସ୍ଥାନରେ ଶ୍ରଦ୍ଧାଳୁଙ୍କ ବସ, ଟେଣ୍ଟ, ଲଙ୍ଗର ଓ କେତୋଟି ଦୋକାନ ଥିଲା । ସବୁ ବନ୍ୟାରେ ଭାସି ଯାଇଛି । ମଚୈଲ ତୀର୍ଥ ଯାତ୍ରା ପ୍ରତିବର୍ଷ ଅଗଷ୍ଟ ମାସରେ ହୋଇଥାଏ । ଏହି ଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଶ୍ରାଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଯାତ୍ରା ଜୁଲାଇ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ।

### ଜିଦ୍‌ରେ ଅଟଳ...

ବୋଲି ଚେତାବନୀ ଦେଇଛନ୍ତି । ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ୪ ଦିନ ହେବ କାମ ବନ୍ଦ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ସରକାରୀ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ଲୋକଙ୍କର କୌଣସି ସମସ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିଲେ ମଧ୍ୟ ସଂଘ ସହ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୂହ ଛୁଟିରେ ଯିବା ନିଷ୍ପତ୍ତି ପୂର୍ବରୁ ନିଜର ଦାବି ପୂରଣ ନେଇ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ସେହିପରି ସମୟରେ ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଆଲୋଚନା ପାଇଁ ଡାକରା ଆସିଥିଲା । ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନାହାନ୍ତି । ଯାହାକୁ ନେଇ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ।

ଅନ୍ୟପକ୍ଷରେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବା ସରକାରଙ୍କ ପାଇଁ ବୁମେରାଂ ହୋଇଛି । ମନ୍ତ୍ରୀଙ୍କ ଧମକ, ସଚିବଙ୍କ ଚେତାବନୀ ଅମଲା ସଂଘକୁ ଅଧିକ କ୍ରୋଧିତ କରିଛି । ଫଳରେ ସଂଘ ବିନା ଆଲୋଚନାରେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଫା ମନା କରିଛି । ଯଦି ସରକାର ଲୋକଙ୍କ ସୁବିଧା ଚାହୁଁଛନ୍ତି, ତେବେ ଆଲୋଚନା କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି । ରାଜସ୍ୱ ଅମଲାମାନେ ଲୋକଙ୍କ ପାଇଁ କାମ କରୁଛନ୍ତି, ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତୁ ଓ ଚେତାବନୀ ନ ଦେଇ ଆମର ନ୍ୟାଯ୍ୟ ଦାବି ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ଦିବସରେ ସଂଘର ସମସ୍ତ ସଦସ୍ୟ ଅର୍ଥାତ ରାଜସ୍ୱ ଅମଲାମାନେ ପତାକା ଉତ୍ତୋଳନ ସମ୍ପର୍କିତ ଜାତୀୟ ଉତ୍ସବରେ ଯୋଗ ଦେବେ; ମାତ୍ର ପୂର୍ବବତ୍ ସମୂହ ଛୁଟି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଲାଗି ରହିବ...

ହୀରାକୁଦ ଓ ରାଉରକେଲା ଆଦିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ଅଧିକ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ । ତେଣୁ ଅଗଷ୍ଟ ୧୫ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କାମ କରିବାରେ ସକ୍ଷମ ହେବେ ନାହିଁ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ । ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

# ବାନ୍ଧବୀଙ୍କୁ ସଂଜ୍ଞାହୀନ କରି ଦୁଷ୍କର୍ମ



## ମେଡିକାଲରେ ଛାଡ଼ି ପଳାଇଲା

ତେଲକୋଇ, ୧୪।୮ (ସମିସ): ବାନ୍ଧବୀଙ୍କୁ ମାଡ଼ ମାରି ସଂଜ୍ଞାହୀନ କରିବା ପରେ ଦୁଷ୍କର୍ମ ଏବଂ ପରେ ଯୁବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ପଳାଇଲା ପୁରୁଷ ବନ୍ଧୁ । କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ପାତ୍ର (୨୨) ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିଲା । ବୁଧବାର ସେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ବାହାନା କରି ତାଙ୍କୁ ଫୋନ୍ କରି ତେଲକୋଇକୁ ଡାକିଥିଲା । ପରେ ସେ ଯୁବତୀଙ୍କୁ ଏକ ଗାଡ଼ିରେ ଦେଉଳଡିହା ରାସ୍ତାର ହାତୀପୋଷ୍ଟର୍ ଆଡ଼କୁ ନେଇ ଯାଇଥିଲା । ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା । କିନ୍ତୁ ଯୁବତୀଜଣଙ୍କ ବାରଣ କରିବାରୁ ଏକ ବାଡ଼ିରେ ପିଟି ତାଙ୍କୁ ଲହୁଲୁହାଣ କରିଥିଲା । ପରେ ଯୁବତୀଙ୍କ ପିନ୍ଧିଥିବା ଚୁନୁରିରେ ତାଙ୍କ ବେକକୁ ଜୋରରେ ଭିଡ଼ି ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲା । ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲା । ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବା ପରେ ହୃଦାନନ୍ଦ ତାଙ୍କୁ ଦୁଷ୍କର୍ମ କରିଥିଲା । କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ସେ ପୁଣି ତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା । ଭୟଭୀତ ହୋଇ ପୀଡ଼ିତା ପାଖରେ ଥିବା ଏକ ପୋଲ ତଳକୁ ଯାଇ ଲୁଚି ଯାଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବାରୁ ସେ ପୁଣିଥରେ ସଂଜ୍ଞାହୀନ ହୋଇପଡ଼ିଥିଲେ । ତେବେ ହୃଦାନନ୍ଦ ତାଙ୍କୁ ଖୋଜି ବାହାର କରିବା ପରେ ଏକ ସ୍କୁଟିରେ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପରେ ସେଠାରୁ ପଳାଇଥିଲା । ଯୁବତୀଜଣଙ୍କ ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି ବୋଲି ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲା । ଗଲା ବେଳେ ସେ ଯୁବତୀଙ୍କ ପାଖରେ ଥିବା ୧୧ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲା ।

# ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୪।୮ (ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ଜଣ ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି । ଏହି କ୍ରମରେ ସଞ୍ଜୀବ ଦୁବେଙ୍କୁ ସ୍ୱତନ୍ତ୍ର ବିଚାରପତି, ସିବିଆଇ ଅଦାଲତ ନମ୍ବର ୧, ଭୁବନେଶ୍ୱର, ସତ୍ୟପୀର ମିଶ୍ରଙ୍କୁ କଟକର ବିକ୍ରି କର ଟ୍ରିବ୍ୟୁନାଲର ପ୍ରଥମ ବିଚାର ବିଭାଗୀୟ ସଦସ୍ୟ, ଅନୁପ କୁମାର ଚନ୍ଦନ ବରଗଡ଼ ଜିଲ୍ଲା ଏବଂ ଦୌରାଜଜ୍, ଦୀପ୍ତିରଞ୍ଜନ କାନୁନଗୋଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ, ପ୍ରଣମ କୁମାର ରାଉତ ଖରିଆର ଏଡିଜେ, ସରୋଜିନୀ ପତିଙ୍କୁ ଏସ୍.ସି. ଏବଂ ଏସ୍.ଟି (ପିଓ) ଆଇନ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତର ପ୍ରିଜାଇଡିଂ ଅଫିସର, ଅଖିଳ କୁମାର ପଶ୍ଚିମକବାଟଙ୍କୁ ବୌଦ୍ଧ ଏଡିଜେ, ସ୍ରୋତସ୍ୱିନୀ କରଙ୍କୁ ନୀଳଗିରି (ନୂତନ) ଏଡିଜେ, ପ୍ରିୟରଞ୍ଜନ ମିଶ୍ରଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, ଅଶୋକ କୁମାର ପହିଙ୍କୁ ବାଲେଶ୍ୱର ପରିବାର ଅଦାଲତ ବିଚାରପତି, ଅଞ୍ଜଳି କୁମାରୀ ପାଢ଼ୀଙ୍କୁ ବଲାଙ୍ଗିର ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍, ରାଜକିଶୋର ଲେଙ୍କାଙ୍କୁ ଭୁବନେଶ୍ୱର ସିବିଆଇ. ଅଦାଲତ ନମ୍ବର-୨ ସ୍ୱତନ୍ତ୍ର ବିଚାରପତି ଓ ପ୍ରଭାକର ଗନ୍ଧିଆଙ୍କୁ କୁଚିଣ୍ଡା ଏଡିଜେ ଭାବେ ଅବସ୍ଥାପିତ କରାଯାଇଛି । ଏ ସଂକ୍ରାନ୍ତରେ ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଅମୂଲ୍ୟ ପ୍ରଧାନ ବୋର୍ଡର ନୂତନ ଉପସଭାପତି

## ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କ ମଧ୍ୟ ବଦଳି

ଭୁବନେଶ୍ୱର, ୧୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ରେ ବଡ଼ଧରଣର ଅଦଳବଦଳ କରାଯାଇଛି । ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ନୀହାର ରଞ୍ଜନ ମହାନ୍ତିଙ୍କ ସ୍ଥାନରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ବୋର୍ଡର ନୂତନ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କୁ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସ୍ଥାନରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ପରୀକ୍ଷା ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ପରୀକ୍ଷା ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି । ଅନୁରୂପ ଭାବେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି । ବହୁ ବର୍ଷରୁ ବୋର୍ଡରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ବିଭାଗ ପକ୍ଷରୁ ଏହି ବଡ଼ଧରଣର ବଦଳି କରାଯାଇଛି । ଆଗକୁ ବୋର୍ଡ ସଭାପତିଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

# ନୂଆଖାଇଁ ପର ଦିନ ହାଇକୋର୍ଟ ଛୁଟି

କଟକ, ୧୪।୮ (ସମିସ): ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ହାଇକୋର୍ଟ ଛୁଟି ରହିବ । ନୂଆଁଖାଇ ପର ଦିନ ଅଗଷ୍ଟ ୨୯ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଭାବେ ଘୋଷଣା କରାଯାଇଛି । ଏହା ବଦଳରେ ସେପ୍ଟେମ୍ବର ୨୦ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ଆଜି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ଓ ନୂଆଁଖାଇ ପାଇ ଅଗଷ୍ଟ ୨୭ ଓ ୨୮ ତାରିଖ ହାଇକୋର୍ଟ ଛୁଟି ଥିଲା ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୧୪।୮ (ସମିସ): ଜନୈକା ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ମାହାଙ୍ଗା ଥାନା ଅନ୍ତର୍ଗତ ଅଞ୍ଚଳର ରଞ୍ଜିତ ଜେନା ଓରଫ ବୁଟୁନା(୨୪)କୁ ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ । ଅଦାଲତ ଆଇପିସିର ଦଫା ୩୬୩, ୩୭୬(୩) ଓ ପୋକସୋ ଆଇନର ଧାରା ୪ରେ ରଞ୍ଜିତକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥି ସହିତ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟାରେ ୧୩ ବର୍ଷିୟା ପୀଡ଼ିତା ଅନ୍ୟ ଜଣେ ସାଙ୍ଗ ସହିତ ଟିଉସନ ଯାଇ ଆଉ ଘରକୁ ନଫେରିବାରୁ ପରଦିନ ପୀଡ଼ିତାଙ୍କ ମା ସଦର ଥାନାରେ ଏ ନେଇ ଏତଲା ଦେଇଥିଲେ । ସଦର ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ପରେ ତଦନ୍ତ ସମୟରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କୁ ରଞ୍ଜିତ ଅପହରଣ କରିବା ପରେ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣା ପଡ଼ିଥିଲା । ପୁଲିସ ରଞ୍ଜିତକୁ ଗିରଫ କରିଥିଲା ବେଳେ ଗତ ୨୦୨୪, ମାର୍ଚ୍ଚ ୧୪ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ମେ ୮ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା, ଏତଲାକାରୀଙ୍କ ସମେତ ୯ ଜଣଙ୍କ ପ୍ରସିକ୍ୟୁସନ ତରଫରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୪।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ଆଜି ଆଲୋଚନା କରିଛନ୍ତି । ଆଲୋଚନା ମଧ୍ୟରେ ୨୦୦୪ ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରି ୬ଟି ନେସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହାପରେ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ ବୋଲି ସଚିବ କହିଛନ୍ତି । ସେହିପରି ୧୯୯୩ ମସିହା କ୍ୟାଡର୍ ଉଚ୍ଛେଦ କରିବା ପାଇଁ ଡ୍ରାଫ୍ଟ କାର୍ଯ୍ୟ ସରିଛି; ଖୁବ୍‌ଶୀଘ୍ର ସମସ୍ତ ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ଏକାବେଳେ ଲାଗୁ କରାଯିବ । ବିଶେଷ କରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ମଧ୍ୟ ପ୍ରଧାନ ଶିକ୍ଷକ ହୋଇପାରିବେ ବୋଲି ସଚିବ ସୂଚନା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି । ଅନୁରୂପ ଭାବେ ପ୍ରୋମସନ୍ ପାଇଁ ଗ୍ରେଡେସନ୍ ଲିଷ୍ଟ ଦୁଇସପ୍ତାହ ମଧ୍ୟରେ ପ୍ରକାଶ ପାଇବ । ବଦଳି ସୁବିଧା ଯଥା ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଦମ୍ପତି ବଦଳି, ଏକାଧିକ ଥର ସହମତି ବଦଳିକୁ ଅଗ୍ରାଧିକାର ଦିଆଯିବ । ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହ ୨୦୧୬ ବ୍ୟାଚ୍ ଶିକ୍ଷକଙ୍କ ବକେୟା ପାଉଣା, ଓଏସ୍‌ଏସ୍‌ଟିଇଟି ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା, ଟିଜି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪୬୦୦ ଗ୍ରେଡ୍ ପେ, ବିଏ ବିପିଇଡି ଓ ସିପିଇଡି ଉତ୍ତୀର୍ଣ୍ଣଙ୍କୁ ୪୨୦୦ ଗ୍ରେଡ୍ ପେ ସହ ପୁରୁଣା ପେନସନ୍ ପରି ମୋଟ୍ ୧୩ଟି ଦାବି ଉପରେ ଆଲୋଚନା ହୋଇଥିବା ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କ ସମେତ ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ ।


GOVT OF ODISHA O-564

OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

At/Po- Nabaghanpur, Dist.- Nayagarh, ph-06753-252049, Email: nayagarhrw2006@yahoo.in

No. Tender Online Nayagarh Divn. 03/2025-26, Date 06.08.2025

e-Procurement Notice

1. Name of the work : Building works.
2. Total No. of Projects : 05(Five) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.13.12 Lakhs to Rs.24.70 lakhs
5. Time for completion : 04(Four) & 03(Three) calendar month.
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 03/2025-26 | 21.08.2025 at 10.00 A.M | 04.09.2025 upto 5.30 P.M. | 06.09.2025 at 11.00 A.M |

Further details can be seen from the website www.tendersorissa.gov.in

OIPR-25106/11/0031/2526

Executive Engineer
Rural Works Division, Nayagarh



**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Lily Raj resident of Suliapada, Guhaldiha, Po- Baghra, Dist-Mayurbhanj, Odisha, PIN-757022, declare that I have changed my name from Lily Majhi to Lily Raj. Henceforth I shall be known as **LILY RAJ** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Angul on dtd.02.08.2025, I Shreekanta Tripathy, S/o- Sheshadev Tripathy, At/Po./Ps./Dist.- Balangir- 767001 state that, I have changed my name from **Shrikant Tripathy** to **Shreekanta Kumar Tripathy**. Hence I shall be known as **Shreekanta Kumar Tripathy** for all future purposes.

**Notice (for Minor)**

By virtue of an affidavit sworn before Executive Magistrate, Begunia, dated 31.07.2025 I, Balaji Sahoo, Address At-Bagalpur,Po-Chakapada,Ps-Begunia,Dist-Khurda,Pin-752062 declare that I have changed the name of my son from Abhikit Sahoo to Abhijit Sahoo. Henceforth, he shall be known as Abhijit Sahoo for all purposes.
Balaji Sahoo

**AFFIDAVIT**

By virtue of an affidavit sworn before Executive Magistrate, PURI, dated 11/08/2025. I P.SONY RAO, Address JARAKATA SAHI,PURI declare that I have changed the name of my daughter from P.AISHWARAYA RAO to P NIHARIKA Henceforth,she shall be known as **P NIHARIKA** for all purposes.
P NIHARIKA

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, Affidavit No-103, on dated 11.08.2025, I Rama Krushna Padhy resident of S-3/563, Niladri Vihar, Near Pump House, Chandrasekharpur, Bhubaneswar, Dist- Khurdha, Odisha, PIN-751021, declare that I have changed the name of my Son from Ayusman Padhy to Ayushman Padhy . Henceforth, he shall be known as **AYUSHMAN PADHY** for all future purposes.

**AFFIDAVIT**

By virtue of an affidavit Sl No. 466, dtd- 5/8/2025 before the Executive Magistrate, Bisoi, Mayurbhanj. I, Saibu Soren, S/o Prasad Soren, resident of Vill- Jodia, Po- Sunajodia Ps- Bisoi, Dist- Mayurbhanj declare that in my Aadhar Card No. 7549 9427 5848 my name has been wrongly mentioned as Sana Saibu Soren instead of Saibu Soren. Now I want to change my name in the said Aadhaar Card. Henceforth, I am known as **Saibu Soren** in all purposes.

**AFFIDAVIT**

I, Kalandi Charan Sahoo, S/o- Pahali Sahoo, resident of Alana, Alanahat, Naugaon, Dist- Jagatainghpur, PIN- 754107, Odisha declared by this affidavit No. 650, dtd- 12/08/2025 that now onwards I shall be known as **KALANDI SAHOO** for all future purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.08.2025, I Anu Nayak resident of Harijana Basti, Near Durga Mandap, Unit-6, Bhubaneswar, Dist- Khorda, Odisha, PIN-751001, declare that I have changed my name from Anu Dei to Anu Nayak. Henceforth I shall be known as **ANU NAYAK** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Umerkote, Nabarangpur, I Chinmayi Bachhar, W/o- Sekhar Bachhar resident of Vill.- Anchala, Po.- Ekamba, Ps.- Umerkote, Dist.- Nabarangpur, Odisha state that, I have changed my name from **CHINMAYEE BAIDYA** to **CHINMAYI BACHHAR**. Hence I shall be known as **Chinmayi Bachhar** for all future purposes.

**AFFIDAVIT**

I, Kala Das Mohapatra, W/o – Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar-751001 declare by this affidavit No 21 dated 6.8.2025 that now onwards I shall be known as Kala Pattnaik for all future purposes.

**AFFIDAVIT**

I, Sanatana Sethi, age about 49 years, S/o- Nirakar Sethi, resident of Plot No. 173, Nuasahi, Siripur, Near City Womens College, Bhubaneswar, Dist- Khordha, PIN- 751003, Odisha declared by this affidavit No. 1633, dated- 13.08.2025 that now onwards I shall be known as **SANATAN SETHI** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-487, ତା.07.08.2025ରିଖ

**କାର୍ଯ୍ୟର ନାମ :** 36 ମାସ ନିମନ୍ତେ SIEMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ (₹) :** 70,51,290.12, EMD (₹): 1,41,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 5,900.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.08.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ ବିଡ୍ ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥାଏ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-468/Q/25-26

**AFFIDAVIT**

By virtue of an affidavit before Executive Magistrate, Cuttack, Odisha.I, Adaitya Kumar Sahoo, S/o- Late Krushna Chandra Sahoo, Plot No-307/487, Paradipgarh, Jagatsinghpur, stated that in the MBPY book my name wrongly mentioned as Adwaita Sahoo instead of Adaitya Kumar Sahoo. So I declared by this affidavit dated 11 Aug 2025, Adwaita Sahoo and Adaitya Kumar Sahoo is one and same person. I shall be known as Adaitya Kumar Sahoo for all further purposes.
Sd/-Adaitya Kumar Sahoo.

**AFFIDAVIT**

I, Shek Azad, S/o- Sk Akbar, resident of At- Kanheipur, Po- Bhagatpur, Kotasahi, Dist- Cuttack, PIN- 754022, Odisha declared by this affidavit No. 649, dtd- 12/08/2025 that now onwards I shall be known as **SK AZAD** for all future purposes.

**AFFIDAVIT**

I, Shek Akbar, S/o- Sk Abdul Jabar, resident of Haladidiha, Bhadrak, Dist- Bhadrak, PIN- 756100, Odisha declared by this affidavit No. 653, dtd- 13/08/2025 that now onwards I shall be known as **SK AKBAR** for all future purposes.

**AFFIDAVIT**

I, Pritishree Chuadhary, D/o- Ramesh Chandra Panda, resident of H.N-81, Ramahari Nagar 2nd lane, Near Jenana Hospital, Brahmapur Sadar, Po- Berhampur, Dist- Ganjam, PIN- 760001, Odisha declared by this affidavit No. 654, dtd- 13/08/2025 that now onwards I shall be known as **PRITISHREE PANDA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 10/08/2025. I, **Laxmipriya Sahoo** (new name) formerly called as **Rajani Sahu** (old name), W/o Bijaya Sahoo, Permanent resident of At- Habaleswar, P.O. Dimiria, P.S. Nandipada, Dist- Keonjhar (Odisha), PIN- 756121 now residing at the same place affirm that I have changed my name from **Rajani Sahu** (old name) to **Laxmipriya Sahoo** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Laxmipriya Sahoo** (new name).
Laxmipriya Sahoo

**AFFIDAVIT**

By virtue of an affidavit before The Notary Public, Titilagarh, on dated- 04/08/2025. I, **Jhara Rana** (new name) formerly called as **Tilattama Rana** (old name), W/o Tulasiram Rana, Permanent resident of At- Patharla, P.O. Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Tilattama Rana** (old name) to **Jhara Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jhara Rana** (new name).
Jhara Rana

# ଗାଁରୁ ସହର ସବୁଠି ତ୍ରିରଙ୍ଗା ଶୋଭାଯାତ୍ରା



ବିନିକା


ତରଭା

ଭବାନୀପାଟଣା, ୧୪।୮ (ସମିସ)

କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଭବାନୀପାଟଣା ସହର ପରିକ୍ରମା କରିଛି। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କୁଳପତି, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡ. ନିବେଦିତା ନାଥ, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର, ଜୟ ଶଙ୍କର ନାୟକ, ଶିଶୁ ସୁରକ୍ଷା ୟୁନିଟ୍ ପ୍ରୋଗ୍ରାମ ଅଧିକାରୀ ଅଂଶୁମାନ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ତ୍ରିରଙ୍ଗା ଧରି ଦେଶ ପ୍ରେମ, ଦେଶ ଭକ୍ତିର ନାରା ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ, ଜୟ କିଷାନ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ବି ଏମ୍ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଇଣ୍ଡିଆନ୍ କ୍ରିଏଟିଭ୍ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଅଧ୍ୟକ୍ଷ ଡ ଅଜୟ ମିଶ୍ର, ତରୁଣ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ବିନିକା:** ଶୁକ୍ରବାର ସାରା ଦେଶରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଜାତୀୟ ପତାକାକୁ ଘରେ ଘରେ ସମ୍ମାନ ଦେବା ପାଇଁ ବିନିକା ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସିଦ୍ଧାର୍ଥ ଡିଗ୍ରୀ କଲେଜ ଓ ଜୁନିଅର କଲେଜର ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀଙ୍କ ଦେଶାତ୍ମବୋଧକ ସ୍ଲୋଗାନରେ ସହର କମ୍ପି ଉଠିଥିଲା। ଏହାସହ ବିନିକା ସହର ତ୍ରିରଙ୍ଗାମୟ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ, ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା, ବିଶ୍ୱନାଥ ମିଶ୍ର, ସାଧୁରାମ ସାହୁ, ଭଗବାନ ସାହୁ, ପ୍ରତୀକ ପ୍ରିୟରଞ୍ଜନ ସାହୁ, ଅଧ୍ୟାପିକା ପ୍ରମିତା ମିଶ୍ର, ଦୀପ୍ତିରାଣୀ ସ୍ୱାଇଁ, ଦିବ୍ୟାଲୋକା ମହାପାତ୍ର, ରୁବି ପୂଝାରୀ, ମୀରା ପଣ୍ଡା, ଭାରତୀ ବାବୁ, ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନ, ଅଧ୍ୟାପକ ଝଲକ ମିଶ୍ର, ମନୋଜ ମେହେର, ଜିତେନ୍ଦ୍ର ଦଣ୍ଡସନା, ଆଲୋକ ସେଠୀ, ପ୍ରଦୀପ ନାୟକ, ଆଶୀର୍ବାଦ ପ୍ରଧାନ, ଆଶୁତୋଷ ପୁରୋହିତ, ଡ. ନୀଳମାଧବ ଛତ୍ର, ଆକାଶ ପ୍ରଭାନି, ଅଧ୍ୟାପିକା ତୁଳସୀ ରାୟ, ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ଅବସରପ୍ରାପ୍ତ କର୍ମଚାରୀ ଗରିବ ସାଲମା ପ୍ରମୁଖଙ୍କ ସମେତ ଉଭୟ କଲେଜର ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

**ତରଭା:** ସୁବର୍ଣ୍ଣପୁର ଜିଲ୍ଲା ତରଭା ଏଇଏସ କଲେଜ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଗୁରୁବାର ପୂର୍ବାହ୍ନରେ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ତରଭା ସହର ପରିକ୍ରମା କରିଥିଲେ। ଏଥିରେ ଅଧ୍ୟାପକ ରୋହିତ ପଧାନ, ଡ. ସବିତା ମିଶ୍ର, ମୋନାଲିସା ପଧାନ, ମନୋରଞ୍ଜନ ଭୋଇ, ବିଭୀଷଣ ପଧାନ, ଶୁଭଶ୍ରୀ ମିଶ୍ର, ପିଇଟି ସଞ୍ଜୀବ ସାହୁ, ବରିଷ୍ଠ କିରାଣୀ ସନ୍ତୋଷ ଚାନ୍ଦ, ହିମାଂଶୁ ଶେଖର ଦଳବେହେରା, ଧିରାଜ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ମାହାଣା, ତୁଷାର ରଞ୍ଜନ ବେହେରା, ଦେବାଶିଷ ନାଏକ, ସୁଭାଷ ସେଠ, ସମାରୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।

**କଲମପୁର:** କଳାହାଣ୍ଡି ଜିଲ୍ଲା କଲମପୁରରେ ହର୍ ଘର୍ ତିରଙ୍ଗା, ହର ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ପରିସରରୁ ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକଙ୍କ ନେତୃତ୍ୱରେ ସମସ୍ତ ସମିତି ସଦସ୍ୟ, ସରପଞ୍ଚ, ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ସଦସ୍ୟା ବାହାରି କଲମପୁର ବସ୍ତି ନିକଟରେ ପହଞ୍ଚିଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ବିଦ୍ୟାଳୟରୁ ବାହାରି ଏକଜୁଟ ହୋଇଥିଲେ। ସମସ୍ତେ ବିଭିନ୍ନ ନାରା ଦେଇ ଏକ ବିଶାଳ ତ୍ରିରଙ୍ଗା ଧରି ଶୋଭାଯାତ୍ରା କରିଥିଲେ। କଲମପୁରର ଅଞ୍ଚଳ ତ୍ରିରଙ୍ଗାମୟ ହୋଇ ଉଠିଥିଲା।

## ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ




ମନମୁଣ୍ଡା, ୧୪।୮ (ସମିସ): ବୌଦ୍ଧ ଜିଲ୍ଲା ନିବାସୀ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର ତଥା ବହିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତଲାଲ ମିଶ୍ରଙ୍କ ପୁଅ ସ୍ୱପ୍ନଜିତ ମିଶ୍ର ଜାତୀୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ୱପ୍ନଜିତ ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର। ବାଙ୍ଗାଲୋରରେ ଅନୁଷ୍ଠିତ କେନ୍ଦ୍ରୀୟ ବିଦ୍ୟାଳୟ ଜାତୀୟସ୍ତରୀୟ ୧୯ବର୍ଷରୁ କମ୍ ସନ୍ତରଣ (ବଟରଫ୍ଲାଏ ଇଭେଣ୍ଟ)ରେ ସ୍ୱପ୍ନଜିତ୍ ରୌପ୍ୟ ପଦକ ହାସଲ କରିଛନ୍ତି। କୋଚ୍ ସଞ୍ଜୟ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଥିଲେ।

## ଜମିକୁ ପାଣି ପାଇଁ ପ୍ରଶାସନକୁ ଗୁହାରି

ଶଗଡ଼ା, ୧୪।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ଷା ଅଭାବରୁ ମରୁଡ଼ି ଦେଖା ଦେଲାଣି। ଏହି ଅଞ୍ଚଳର ଚାଷୀ ପ୍ରାୟତଃ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। ହେଲେ ଶ୍ରାବଣ ମାସରେ ବର୍ଷାର ଅଭାବ ଯୋଗୁଁ ଅନେକ



ସ୍ଥାନରେ ବିଲ ଫାଟି ଆଁ କଲାଣି। ଏପରିକି ଧାନ ଗଛ ସବୁ ମରି ଗଲାଣି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କଣ୍ଟାମାଳ ବ୍ଲକ ତିଲେଇ ମାଲରେ ଥିବା ପାର୍ବତୀ ଗିରି ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ ସୁଦ୍ଧା ରୁଣ୍ଡି ମହୁଲ ଓ ରେଙ୍ଗାଲି ପଞ୍ଚାୟତର ପାଖାପାଖି ୧୪ ଖଣ୍ଡ ଗ୍ରାମର ଚାଷୀ ଏହି ପ୍ରକଳ୍ପରୁ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ପଞ୍ଚାୟତର ପ୍ରଭାବିତ ଗ୍ରାମର ଚାଷୀ କଣ୍ଟାମାଳ ତହସିଲଦାର ଓ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ନ ମରୁଡ଼ି ଓ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରକଳ୍ପରୁ ଚାଷୀଙ୍କ ବିଲକୁ ପାଣି ଯୋଗାଇ ଦେବାକୁ ଦାବି କରିଛନ୍ତି।

## ନିଶା ମୁକ୍ତ ଭାରତ ଗଠନ ଓ ସ୍ୱଚ୍ଛତା ଶପଥ



ବିନିକା, ୧୪।୮ (ସମିସ): ବିନିକା ଏନଏଏସିରେ ନିଶା ମୁକ୍ତ ଭାରତ ଗଠନ ଓ ସ୍ୱଚ୍ଛତା ଅଭିଯାନ ସଫଳ ନେଇ ଶପଥ ପାଠ କରାଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁବାସ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରର ଶକ୍ତି ଓ ସମାଜର ବିକାଶରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ସଫଳ କରିବାକୁ ମୁଖ୍ୟ ଅତିଥି କହିଥିଲେ। ସେହିପରି ଅଞ୍ଚଳକୁ ନିଶା ମୁକ୍ତ କରିବା ସହ ପରିବେଶର ସୁରକ୍ଷା ପାଇଁ ସ୍ୱଚ୍ଛତା ଆଣିବା ଦରକାର ବୋଲି ଉପସ୍ଥିତ ସମସ୍ତ କର୍ମଚାରୀ ଶପଥପାଠ କରିଥିଲେ।

## ପୁଲିସ ପକ୍ଷରୁ ଦେଓଗାଁ କଲେଜରେ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, ୧୪।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ତରଫରୁ ସ୍ଥାନୀୟ ଯୁକ୍ତ ଦୁଇ କଲେଜରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କିଛି ମାସ ହେଲା ନାରୀ ନିର୍ଯାତନା ଓ ଆତ୍ମହତ୍ୟା ବଢ଼ିଚାଲିଥିବା ବେଳେ ସେ ଦିଗରେ ପୁଲିସ କଲେଜରେ ପାଠପଢୁଥିବା ଛାତ୍ରୀଛାତ୍ରଙ୍କୁ ସମସ୍ୟାର ସମାଧାନ ଦିଗରେ ଆଲୋକପାତ କରିଥିଲେ। ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଡିଏସ୍‌ପି ସମର୍ଥ କେ. ବେହେରା, କଲେଜ ଅଧ୍ୟକ୍ଷ ଉପମନ୍ୟୁ ବାଗ, ଏଏସ୍‌ଆଇ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ସମାଜରେ ଛାତ୍ରଛାତ୍ରୀ ନିଜକୁ ଅସହାୟ ମନେ ନ କରି ଯେଉଁ ସମସ୍ୟା ତାଙ୍କ ଜୀବନରେ ଆସୁଛି ତାକୁ ବନ୍ଧୁ ପରିଜନ, ସହପାଠୀ, ପିତାମାତା ବା ଥାନାଧିକାରୀ କିମ୍ବା ଆଇନ ପରାମର୍ଶଦାତାଙ୍କ ସହ ବିଚାର ବିମର୍ଶ କରି ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମନୁଷ୍ୟ ଜୀବନରେ ଆତ୍ମହତ୍ୟା ଏକ ବିକଳ୍ପ ସମାଧାନ ନୁହେଁ ତେଣୁ ସମସ୍ତେ ସଚେତନ ହୋଇ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରି ସମାଜରେ ପ୍ରେରଣା ଦାୟୀ ହୋଇ କାର୍ଯ୍ୟ କରିବା ବୋଲି ଡିଏସ୍‌ପି ବେହେରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଥାନାର ମହିଳା କନେଷ୍ଟେବଲ ମାମି ଜେନା, ଜ୍ୟୋସ୍ନାମୟୀ ଧରୁଆ, ଝିଲି ସାହୁ ସମେତ କଲେଜର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

## ସହିଦ ବିଜେନ୍ଦ୍ରନାଥ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



ଗୋଲାମୁଣ୍ଡା, ୧୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲରେ ସହିଦ ବିଜେନ୍ଦ୍ରନାଥ ରାଉତଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ବୈଶାଖୁ କେତକୀ, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ ରାଉତ, ପ୍ରଦୀପ ପଣ୍ଡା, ହିତେଶ ମଶ୍ରା, ସମୀର ସାହୁ, ବେଣୁଧର ସାହୁ, ହେମନ୍ତ ବାଗ, ନକୁଳ ରାଉତ, ମାଣିକ୍ୟ ରାଉତ ପ୍ରମୁଖ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ଜଣାଇଥିଲେ।

## ରାଷ୍ଟ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପାଇଁ ଜୁଏଲଙ୍କୁ ଦାବି

ଭବାନୀପାଟଣା, ୧୪।୮ (ସମିସ): ଅମରକଣ୍ଟକସ୍ଥିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଏକ ଅଫ୍ କ୍ୟାମ୍ପସ୍ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁରରେ ସ୍ଥାପନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କୁ ବିକଶିତ କଳାହାଣ୍ଡି ଦାବି କରିଛି। କଳାହାଣ୍ଡି ସାଂସଦ ମାଳବିକା ଦେଓ ଏବଂ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଜରିଆରେ ଏହି ସ୍ମାରକ ପତ୍ର ଦିଆଯାଇଛି। ପୂର୍ବତନ ସାଂସଦ ବିକ୍ରମ କେଶରୀ ଦେଓ ଏଥିପାଇଁ ତତ୍କାଳୀନ ରାଜ୍ୟ ସରକାର ଏବଂ କେନ୍ଦ୍ରର ମାନବ ସମ୍ବଳ ମନ୍ତ୍ରାଳୟକୁ ନିବେଦନ କରିଥିଲେ। ରାଜ୍ୟ ସରକାର କେନ୍ଦ୍ର ମାନବ ସମ୍ବଳ ବିଭାଗକୁ ମଧ୍ୟ ଏ ସମ୍ପର୍କରେ ଅନୁମୋଦନ କରିଥିଲେ। ସେହି ଅନୁସାରେ ଥୁଆମୂଳ ରାମପୁର ପଞ୍ଚାୟତର ବେଦାଖୋଲା ଏବଂ କୁମୁଡାବାହାଲରେ ଜିଲ୍ଲା ପ୍ରଶାସନ ୩ ଶହ ଏକର ଜମି ଚିହ୍ନଟ କରିଥିଲା। ଏ ବିଷୟରେ ଚଳିତ ମୌସୁମୀ ଅଧିବେଶନରେ କଳାହାଣ୍ଡି ସାଂସଦ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଭାରତରେ ଆଦିବାସୀ ବିଶ୍ୱବିଦ୍ୟାଳୟ ଗୁଡିକ ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟର ଉନ୍ନତି ଏବଂ ସଶକ୍ତିକରଣ ପାଇଁ ଏକ ଗୁରିତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି। ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଏବଂ ଗବେଷଣା ପ୍ରଦାନ କରୁଛି। ଆଦିବାସୀ କଳା, ସଂସ୍କୃତି, ସାହିତ୍ୟ ଏବଂ ପରମ୍ପରାକୁ ସଂରକ୍ଷିତ ରଖୁଛି। କଳାହାଣ୍ଡି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ବିଶେଷ କରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ସୋନପୁର, ବରଗଡ଼ ଜିଲ୍ଲା କେନ୍ଦ୍ର ବିନ୍ଦୁ। କଳାହାଣ୍ଡି ଏବଂ କେବିକେ ଅଞ୍ଚଳ ଆଦିବାସୀ ସଂସ୍କୃତିରେ ଭରପୁର। ଏଣୁ ଏହି ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଏବଂ ଗବେଷଣା କରିପାରିବେ ବୋଲି ଦାବିପତ୍ରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ଦର୍ଶାଯାଇଛି।

# ସାପମୁଣ୍ଡିରେ ଜଙ୍ଗଲ ଅଧିକାର ଆଇନ ଗ୍ରାମସଭା

ଥୁଆମୂଳ ରାମପୁର, ୧୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତର ସାପମୁଣ୍ଡି ଗ୍ରାମରେ ଜଙ୍ଗଲ ଅଧିକାର ଆଇନ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ଜମିକୁ ନେଇ ବ୍ୟକ୍ତିଗତ ଦାବି ଓ ଗୋଷ୍ଠୀଗତ ଦାବି ଉପରେ ଆଲୋଚନା ହୋଇଥିଲା। ବିଜୟ ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଦାନ ସଂସ୍ଥାର ବ୍ଲକ ସଂଯୋଜକ ମେହେର ନାଏକ ଗ୍ରାମସଭା ସମ୍ପର୍କରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ନୀତି ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଗ୍ରାମସଭାରେ ୨୯ଟି ବ୍ୟକ୍ତିଗତ ଦାବି ଓ ୩୪୯ ହେକ୍ଟର ଗୋଷ୍ଠୀ ଜଙ୍ଗଲ ଦାବି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ଅନୁମୋଦନ ଦାବିଗୁଡ଼ିକୁ ଏକ ସପ୍ତାହ ମଧ୍ୟରେ ଉପଖଣ୍ଡସ୍ତରୀୟ କମିଟି ନିକଟରେ ଦାଖଲ କରାଯିବ ବୋଲି। ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ୫ ଦଶନ୍ଧିରୁ ଅଧିକ ସମୟ ଧରି ଲୋକେ ଏଠି ବସତି ସ୍ଥାପନ କରିଛନ୍ତି। ଏମାନଙ୍କ ନିଜସ୍ୱ ମାଲିକାନା ରଇତି ଜମି ନାହିଁ। ଏଣୁ ଜଙ୍ଗଲ ଜମିକୁ ଫସଲଅମଳ ଉପଯୋଗୀ ଜମିରେ ପରିଣତ କରିଥାନ୍ତି। ସେଥିରେ ଚାଷ କରି ଖାଦ୍ୟ ଅଭାବ ମେଣ୍ଟାଇଥାନ୍ତି। ବହୁ ସଂଘର୍ଷ ପରେ ବାରମ୍ବାର ଦାବି ଜଣାଇଲା ପରେ ବି ଏମାନଙ୍କୁ ଜଙ୍ଗଲ ଜମିର ଅଧିକାର ଏ ପର୍ଯ୍ୟନ୍ତ ମିଳିନାହିଁ। ଏବେ ମଧ୍ୟ ଏମାନେ ଜବର ଦଖଲକାରୀ ବୋଲି ଦୁର୍ନାମ ମୁଣ୍ଡାଇ ଚାଲିଛନ୍ତି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁହେବା ପରେ ଏମାନେ ବାରମ୍ବାର ଦାବି ଦାଖଲ କରି ଆସୁଛନ୍ତି। ସେ ସବୁ ଦାବିଗୁଡ଼ିକ କିନ୍ତୁ ସରକାରୀ ଅବହେଳାରୁ ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ପୂର୍ବ ସରକାର ସମୟରେ 'ମୋ ଜଙ୍ଗଲ ଜମି ଯୋଜନା' ଆସିବା ପରେ ଏମାନଙ୍କ ଆଶା ଉଦ୍‌ଜୀବୀତ ହୋଇଛି। ଏବେ ଗ୍ରାମର ସୀମା ଚିହ୍ନଟ ପ୍ରକ୍ରିୟା ସରିଛି। ଗ୍ରାମସଭାରେ ଅନୁମୋଦନ ଲାଭ କରିଛି। ଶେଷ ଗ୍ରାମସଭା ପର୍ଯ୍ୟାୟ ପର୍ଯ୍ୟନ୍ତ ଆସି ପାରିଛି। ତେବେ କିଆପଦର ସରପଞ୍ଚ ଲଖିଧର ମାଝୀ ଏହି ସଭା ପରିଚାଳନା କରିଥିଲେ।

ରାଜସ୍ୱ ନୀରକ୍ଷକ ଅଞ୍ଜନ ନାଏକ, କିଆପଦର ବନପାଳ ବିଜୟକୃଷ୍ଣ ଗୋପାଳ, ଜଙ୍ଗଲ ବିଭାଗ କର୍ମଚାରୀ ଶେଷଦେବ ନାଏକ, କିଆପଦର ପଞ୍ଚାୟତର ନାଏବ ସରପଞ୍ଚ ରାଜକୁମାରୀ ସୁନାନି, ଆମଜଙ୍ଗଲ ଯୋଜନା କାର୍ଯ୍ୟକ୍ରମର ଟିମ୍ ଲିଡର ଶଶିକାନ୍ତ ହରପାଲ, ମୀନାକ୍ଷୀ ନାଏକ, ରବିନାରାୟଣ ସିଂହ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଶିଷ୍ଠ ଶବର, ରଥ ଦୁରିଆ, ପାଖ ଗ୍ରାମ ତେନ୍ତୁଳିପଦର ଜଙ୍ଗଲ ଅଧିକାର କମିଟି ସଭାପତି ଯମା ମାଝି, ଗ୍ରାମର ବରିଷ୍ଠ ବ୍ୟକ୍ତି ଚମାର ମାଝୀ, ରଞ୍ଜିତ ସିଂହ, ବଳରାମ ଦେଓ, ହୃଷିକେଶ ପାତ୍ର, ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟିର ସଭାପତି ମେରୁ ମାଝୀ, ସମ୍ପାଦିକା କନକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ରୋଗ ଚିକିତ୍ସା ଶିବିର

ଭବାନୀପାଟଣା, ୧୪।୮ (ସମିସ): ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଯୋଜନା ମାଧ୍ୟମରେ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ନିଃଶୁଳ୍କ ହୃଦ୍‌ଝରୋଗ ଚିକତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କାଳାହାଣ୍ଡି ଜିଲ୍ଲା ତଥା ଏହାର ଆଖପାଖ ଜିଲ୍ଲାର ବିଭିନ୍ନ ବ୍ଲକରୁ ୮୪ ପିଲା ଚିକିତ୍ସା ପାଇଁ ଆସିଥିଲେ। ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡ. ପଙ୍କଜ ମିଶ୍ର, ଡ. ମନ୍ମୟ ପାଢ଼ୀ ଓ ତାଙ୍କ ଟିମ୍‌ର ସହଯୋଗରେ ଏହି ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଥିଲା। ୪୨ ଜଣ ଗୁରୁତର ଶିଶୁଙ୍କୁ ଚିହ୍ନଟ କରାଯାଇଛି। ଅଧିକ ଚିକିତ୍ସା ବା ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ ନିଶ୍ଚିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଉପ ଚିକିତ୍ସାଧିକାରୀ ଡ. ଦେବୀ ପ୍ରସାଦ ମହାପାତ୍ର, ଡିପିଏମ ଦିଲୀପ ଦୁବେ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଘଣ୍ଟାପଡ଼ା ହାଇସ୍କୁଲରେ ପ୍ରାଥମିକ ସେବା ପ୍ରଶିକ୍ଷଣ ଶିବିର




ଶଗଡ଼ା, ୧୪।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିଅର ରେଡ୍‌କ୍ରସ୍ ଆନୁକୂଲ୍ୟରେ ପ୍ରାଥମିକ ତାଲିମ୍ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ବନମାଳୀ ମେହେର ତାଲିମଦାତା ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସେ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିଥିଲେ। ହଠାତ୍ ମୂର୍ଚ୍ଛା ହେବା, ନିଆଁରୁ ରକ୍ଷା ପାଇବା, ମୁଣ୍ଡଫଟା, ହାତଭଙ୍ଗା, ରକ୍ତସ୍ରାବର ତତ୍କାଳ ଚିକିତ୍ସା ଓ ବ୍ୟବସ୍ଥା, ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଆକାଶ ମେହେର ସଂଯୋଜନା କରିଥିବା ସ୍ଥଳେ ସହକାରୀ ଶିକ୍ଷକ ଶାନ୍ତନୁ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଜୁନିଅର ରେଡ୍‌କ୍ରସ୍ ପରାମର୍ଶଦାତା ତଥା ଶିକ୍ଷକ ମୁକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁବାସ ସାହୁ, ବିଭୁତି ଭୂଷଣ ଦୁର୍ଗ, ଦୁର୍ଗା ଶଙ୍କର ପଣ୍ଡା, ଲିପୁନ ପ୍ରଧାନ, ଚନ୍ଦ୍ରକାନ୍ତ ବେହେରା, ଶିକ୍ଷୟିତ୍ରୀ ସୁପ୍ରଭା ଦେହୁରୀ, ରଶ୍ମିତା ସାହୁ, ଖେଳ ଶିକ୍ଷୟିତ୍ରୀ ମନ୍ଦାକିନୀ ବଗର୍ତ୍ତୀଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଘଣ୍ଟାପଡ଼ା ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ

ଶଗଡ଼ା, ୧୪।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ପଞ୍ଚାୟତ ଡିଗ୍ରୀ କଲେଜରେ ତୃତୀୟ ବର୍ଷର ଛାତ୍ର ଭୂବନ ପତି ରଣାଙ୍କ ସଭାପତିତ୍ୱରେ ନବାଗତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଘଣ୍ଟାପଡ଼ା ଜୋନର ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ମୁଖ୍ୟବକ୍ତା ଭାବେ କନ୍ଧମାଳ ଜିଲ୍ଲା ବିଜେପି ସମ୍ପାଦକ ଦେବେନ୍ଦ୍ରନାଥ କୁଦେଇ, ସମ୍ମାନୀତ ଅତିଥିଭାବେ ଜିବି ସଭାପତି କାର୍ତ୍ତିକେଶ୍ୱର ବେହେରା, ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ସାହୁ, ବୌଦ୍ଧ ଜିଲ୍ଲା ଶିକ୍ଷକ ନେତା ନୀଳାଚଳ ଭୋଇ, କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀ ମଞ୍ଚାସୀନ ଥିଲେ। ଶେଷ ବର୍ଷର ଛାତ୍ରୀ ନିକିତା ଦାସ ମଞ୍ଚ ପରିଚାଳନା କରିଥିଲେ। କିରାଣୀ ଦେବେନ୍ଦ୍ରନାଥ ରଣା ଧନ୍ୟବାଦ ଦେଇଥିଲେ। ଜବାଗତ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲ।

# ଦାବି ପୂରଣ ପାଇଁ ଗର୍ଜିଲେ ପ୍ରାଥମିକ ଶିକ୍ଷକ





ବୌଦ୍ଧ, ୧୪।୮ (ସମିସ)

ବୌଦ୍ଧ ଜିଲ୍ଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସେମାନଙ୍କ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ବୌଦ୍ଧ ଟାଉନହଲ୍‌ଠାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟଙ୍କ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ପ୍ରଧାନ, ସାଧୁ ଚରଣ ଦେହୁରୀ, କୁମୁଦ ଚନ୍ଦ୍ର ପ୍ରଧାନ, ଆଲୋକ ମେହେର, ଶିଶିର ଖଟୁଆ, ଶମ୍ଭୁ ଗିରି, ମହେଶ ସେଠୀ, ରାଜକୁମାର ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଉତ୍ତମ ନାୟକ, ଅଶୋକ ଘିବେଲା, ବସନ୍ତ ବିଶ୍ୱାଳ, ପ୍ରଜିଣା ପାଢ଼ୀ, ନିରାକାର ସାହୁ, ଅନିତା ହୋତା, ପଦ୍ମନାଭ ପ୍ରଧାନ, ସୁଶାନ୍ତ ପ୍ରଧାନ, ନାରାୟଣ ସାହୁ, ଯୁଧିଷ୍ଠିର କହଁର, ବିଶ୍ୱାମିତ୍ର କହଁର, ସୁଶୀଳ ତ୍ରିପାଠୀ, ବିଜୟ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ବିନିକା:** ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ନେତୃତ୍ୱରେ ଶିକ୍ଷକ ନେତା ଶିବ ରଣା, ଅନନ୍ତ ପଣ୍ଡା, ନାରାୟଣ ପ୍ରସାଦ ପାଢ଼ୀ, ହିମାଂଶୁ ପଣ୍ଡା, ବିଶ୍ୱରଞ୍ଜନ ସାହୁ, ବିନୋଦ ମିଶ୍ର, ତ୍ରିଲୋଚନ ହୋତା, ପ୍ରେମାନନ୍ଦ ଦାସ, ଚିରଞ୍ଜିବୀ ତ୍ରିପାଠୀ, ବିଜୟ ସାହୁ, ଶିବ ନାରାୟଣ ପୁଝାରୀ, ଅନ୍ତର୍ଯ୍ୟାମୀ ଧର, ବିବେକାନନ୍ଦ ନାୟକ, ଭରତ ସାହୁ, କମଳା ମେହେର, ଗୀତା ସାହୁ, ମାତା ମଲ୍ଲିକ ପ୍ରମୁଖଙ୍କ ସହ ଶତାଧିକ ଶିକ୍ଷକ/ଶିକ୍ଷୟତ୍ରୀ ଶୋଭାଯାତ୍ରାରେ ବିଇଓ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ।

# ସମସ୍ତଙ୍କ ହାତରେ ତ୍ରିରଙ୍ଗା, ମନରେ ଦେଶପ୍ରେମର ଭାବନା




ନୂଆପଡା,୧୪।୮ (ସମିସ)

ନୂଆପଡା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ତରଫରୁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିରାଟ ରାଲି ଆୟୋଜିତ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରିଥିଲା। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଏକ ଲମ୍ବା ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସ୍କୁଲ-କଲେଜ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସହର ପ୍ରକମ୍ପିତ ହୋଇଥିଲା।

**ବୌଦ୍ଧ:** ବୌଦ୍ଧ ଜିଲ୍ଲା ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ସୁଶାନ୍ତ ପ୍ରଧାନ, ମହାବିଦ୍ୟାଳୟ ଅଧକ୍ଷ ଡ, ରମେଶ ଚନ୍ଦ୍ର ତାରେଣିଆ, ସୁବାସ ପ୍ରଧାନ, କୈଳାଶ ଅଗ୍ରୱାଲ, ପ୍ରମୁଖ ଏଥିରେ ସାମିଲ ଥିଲେ। ପୁରୁକଟକର ବିଭିନ୍ନ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ଭାରତ ମାତା କି ଜୟ, ବନ୍ଦେ ମାତରଂ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। ଅଧ୍ୟାପକ ରଞ୍ଜିତ ସାମଲ, ସୁରେଶ୍ୱର ଯୋଶୀ, କ୍ରୀଡା ଶିକ୍ଷକ ମଧୁସୂଦନ ବେହେରା, ଅଶୋକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ମହାବିଦ୍ୟାଳୟ ରେ ଏକ ସଚେତନ ସଭା



ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ବିଭାଜନର ଅଦୃଶ୍ୟ କଥା ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। କୈଳାଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ତ୍ରିରଙ୍ଗା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ସହର ଟୁଟୁସିଙ୍ଗା ମହାନଦୀ ବ୍ରିଜ ଛକ ନିକଟରୁ ହର୍‌ଭ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥଙ୍କ ନେତୃତ୍ୱରେ ବୌଦ୍ଧ ବ୍ଲକରୁ ଏକ ବାଇକ୍ ରାଲି ବାହାରି ବ୍ରିଜ ଛକ ନିକଟରେ ମିଶିଥିଲା। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିଆରସିଂ, ଅଧ୍ୟାପକ ଡ. ପ୍ରବୀର ଦାସ, ସମସ୍ତ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ, କ୍ରୀଡାବିତ୍, ସାମ୍ବାଦିକ, ସାଧାରଣ ଜନତା ଯୋଗ ଦେଇଥିଲେ। ବାଇକ୍ ଶୋଭାଯାତ୍ରା ପୁରୁଣା ବ୍ଲକ ଛକ, ମେଡିକାଲ୍ ଛକ, ଗନ୍ଧିଛକ, ପୋଷ୍ଟ ଅଫିସ୍ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟାଳୟ ଆଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ତାଳସରଡ଼ା ପଞ୍ଚାୟତ ସାହାଜପାଲରେ ମଧ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ବାଘଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ପ୍ରଧାନଶିକ୍ଷକ ଭରତ ମେହେର ଏବଂ ସମସ୍ତ ଶିକ୍ଷକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ବିପ୍ର ଚରଣ ମହାନ୍ତି, ବୌଦ୍ଧ ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଶ୍ୟାମସୁନ୍ଦର ପୁରୋହିତ, ରଞ୍ଜନ ଖଟୁଆ, ପୟୋଧର ମହାକୁଡ଼, ଦୀପିକା ନାଏକ, ପ୍ରୀତିଶ ପାତ୍ର, ସୁନୀଲ ନାଗ, ଯଯାତି ପଧାନ, ବଂଶୀଧର ମହାକୁଡ଼, କୃପାସିନ୍ଧୁ ମେହେର, ଶ୍ରୀକ୍ଷେତ୍ର ମହାକୁଡ଼, ଶିବ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

**ଶଗଡା:** କଣ୍ଟାମାଳ ବ୍ଲକ ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ନୂଆଁପାଲି ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ମୁଖ୍ୟ ଅତିଥି, ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କରୁଣାକର ସାହୁ, ଶିକ୍ଷକ ନେତା ନୀଳାଞ୍ଚଳ ଭୋଇ, ରଞ୍ଜନ ପାତ୍ର ଓ ବଂଶୀଧର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶଶୀଭୂଷଣ ପ୍ରଧାନ, ସୌଦାଗର ମାଝୀ, ହରିହର ବେଜ, ସନ୍ତୋଷ ସାହୁ, ଅନନ୍ତ ଚରଣ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ପଲଶାଗୋରା:** କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତରେ ହର୍ ଘର ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିଫ ନାଏକ, ନବୀନ ମହାପାତ୍ର, ଦୀପକ ବାରିକ, ସୂର୍ଯ୍ୟକାନ୍ତ ଖଟୁଆ, ଗୋବିନ୍ଦ ନାଏକ, ସୁବୋଧ ଖେତୀ, ସିପୁନ ସାହୁ, ସାମ୍ବାଦିକ ପୂର୍ଣ୍ଣଚରଣ ସାହୁ, ଦେବାଶିଷ ମଲିକ, ମୁନା ଖେଥି, ସିଆରପି ଅନିତା ଦାସ, ଅଙ୍ଗନବାଡି କର୍ମୀ ସନ୍ତୋଷିନୀ ଦେବୀଙ୍କ ସମେତ ଶିମିଳିପଦର ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।









## ସାମାନ୍ୟ ବର୍ଷାରେ ଧର୍ମଗଡ଼ ସହର ଅସମ୍ଭାଳ

ଧର୍ମଗଡ଼,୧୪।୮ (ସମିସ): ଟିକିଏ ବର୍ଷା ହେଲେ ଧର୍ମଗଡ ସହରର ବିଭିନ୍ନ ୱାର୍ଡରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଛି। ଚାରି ଛକଠାରୁ ତରାପୁର ରାସ୍ତାକୁ ସଂଯୋଗ କରୁଥିବା ନେଗୀ କ୍ଲିନିକ ନିକଟରେ ଅଳ୍ପ ବର୍ଷାରେ ସ୍ଥିତି ବେହାଲ ହୋଇପଡିଛି। ରାସ୍ତାରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ରାସ୍ତାରେ ଆଣ୍ଠୁଏ ପାଣି ଜମା ହେବା ସହ ଲୋକଙ୍କ ଘରେ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି। ,ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଗୁରୁବାର ଧର୍ମଗଡରେ ଅସରାଏ ବର୍ଷା ହୋଇଥିଲା। ଏହା ଫଳରେ ପାଣି ନିଷ୍କାସନ ହୋଇ ନ ପରିବା ଯୋଗୁଁ ଡାକ୍ତର ନେଗୀ କ୍ଲିନିକ ଛକ ପାଖରେ ଆଣ୍ଠୁଏ ପାଣି ଜମି ରହିଥିଲା। ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପରିବା ଯୋଗୁଁ ଏହି ଛକରେ ଥିବା ଘର ଭିତରେ ଡ୍ରେନର ମଇଳା ପାଣି ପଶିଥିଲା। ଏହାଫଳରେ ଲୋକେ କଲବଲ ହୋଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀଙ୍କ ସହଯୋଗରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣି ନିଷ୍କାସନ ବ୍ୟବସ୍ଥା କରିବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ। ତେବେ ଏହା ଏବେକାର ସମସ୍ୟା ନୁହେଁ। ବର୍ଷା ହେଲେ ପ୍ରତିବର୍ଷ ଏହିଭଳି ସ୍ଥିତି ଉପୁଜୁଛି। ନା ପୂର୍ତ୍ତ ବିଭାଗ ଏହାର ସ୍ଥାୟୀ ସମାଧାନ କରୁଛି ନା ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଦୃଷ୍ଟି ଦେଉଛି।

## ଚନ୍ଦଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ

ଡୁଙ୍ଗୁରିପାଲି,୧୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର କ୍ଲଷ୍ଟର ଅଧୀନ ଚନ୍ଦଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୬ଦିନ ଚାଲିଥିବା ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରେମରାଜ ସେଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ଳୋକ, ସଂସ୍କୃତ ଗୀତିକା, ସଂସ୍କୃତ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ସଂସ୍କୃତ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ଶ୍ଳୋକ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅନ୍ତିମ ଦିବସରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଶୋଭାଯାତ୍ରା କରାଯାଇଥିଲା। ସନ୍ତୋଷ ଭୋଇ, ଅରୂପା ସାହୁ, ପ୍ରକାଶ ଭୁଏ,ଦିବ୍ୟରଞ୍ଜନ ପଧାନ, ରମେଶ ପଧାନ, ଶ୍ରୀମନ୍ତ ପଧାନ, ନିତୁ ପଧାନ, ନିକିତା ସାହୁ, ସନ୍ତୋଷ ସୁନା, ସୁଜିତ ବଗର୍ତି, ସଂଜୀବ ଭୁଏ, ପିଙ୍କୁ ଭୁଏ, ସୁନୀଲ ଭୋଇଙ୍କ ସମତେ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶିକ୍ଷକ ବାସୁଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ଆକ୍ରମଣ

ଶଗଡା,୧୪।୮ (ସମିସ): କଣ୍ଟାମାଳ ଥାନା ଷ୍ଟେଟବ୍ୟାଙ୍କ ନିକଟରେ ପ୍ରଦୀପ ସାହୁ ନାମକ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ନିଆଯାଇଛି।

## ଅମରପାଲି ହାଇସ୍କୁଲରେ ବକ୍ତୃତା ପ୍ରତିଯୋଗିତା

ସୁବଳୟା,୧୪।୮ (ସମିସ): ବୀରମହାରାଜପୁର ବ୍ଲକର ଅମରପାଲି ହାଇସ୍କୁଲରେ ଏକ ବକ୍ତୃତା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ୨୫ ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରରେ ପ୍ରତିଯୋଗୀମାନେ 'ମୋ ସ୍ୱପ୍ନର ଭାରତ' ବିଷୟରେ ନିଜ ନିଜ ମତ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସ୍କୁଲର ଶିକ୍ଷକ ସମ୍ବିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ ଓ ବ୍ରହ୍ମାନନ୍ଦ ପ୍ରଧାନ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ଏଥିରେ ପ୍ରଜ୍ଞାପରମିତା ସାହୁ ପ୍ରଥମ, ସ୍ନେହାରାଣୀ ଦେହୁରୀ ଦ୍ୱିତୀୟ ଏବଂ ରଶ୍ମୀ ରଞ୍ଜନ ସାହୁ ଓ ରୁଦ୍ରାଭିଶେକ ପଧାନ ଯୁଗ୍ମ ଭାବେ ତୃତୀୟସ୍ଥାନ ହାସଲ କରିଥିଲେ।

## ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆପଡା,୧୪।୮ (ସମିସ): ଖରିଆର ରୋଡସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ନୂଆପଡ଼ା ପୁଲିସ ଆନୁକୂଲ୍ୟରେ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରବୋଧ ହୋତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏସଡିପିଓ ସ୍ୱାଧୀନ ମିଶ୍ର ଏବଂ ସମ୍ମାନୀତ ଅତିଥି ଭାବେ ଜୋଙ୍କ ଥାନା ଅଧିକାରୀ ପ୍ରଦୀପ ଧରୁଆ, ଏସଆଇ ନମିତା ନାୟକ ଯୋଗ ଦେଇଥିଲେ। ଛାତ୍ରୀ ସୁରକ୍ଷା, ସାଇବର କ୍ରାଇମ ବିଷୟରେ ଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଶିକ୍ଷୟିତ୍ରୀ ଅଞ୍ଜନା ଗୁରୁ, ବବିତା ରଣା, ପ୍ରଜିତା ଦଳ ବେହେରା ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ ଯୋଶୀ ସଞ୍ଚାଳନ କରିଥିଲେ।

## ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ଭବାନୀପାଟଣା,୧୪।୮ (ସମିସ):ଭବାନୀପାଟଣାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଗୁରୁବାର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା (ଦିଶା)କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ତେବେ ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାର ଦୟାମୟ ପାଢ଼ୀ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କାଲାଇ ଭାନନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଯୋଜନା ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜନ ପ୍ରତିନିଧି ଓ ସଭା ଅଧକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ତଥା ଅଭିଯୋଗ ଉପରେ ଠିକ୍ ମତ ରଖିବାକୁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ କହିଥିଲେ। ଦିଶା ଅଧକ୍ଷା ତଥା ସାଂସଦ ମାଳବିକା ଦେବୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆରଡି, ପିଡବ୍ଲୁଡି, ଭତ୍ତା, ଜଳ ସେଚନ, ବିଦ୍ୟୁତକରଣ, ସୁଭଦ୍ରା ଆଦି ଯୋଜନାରର ଅଗ୍ରଗତି ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ।

## ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ପାଇଁ ତାଲିମ

ଡୁଙ୍ଗୁରିପାଲି,୧୪।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଦିଲୀପ ବାଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଡିଓ ମହେଶ୍ୱରୀ ପଧାନ ଯୋଗ ଦେଇଥିଲେ। ସମାଜରେ ଦିନକୁ ଦିନ ନାରୀ ନିର୍ଯାତନା ଏବଂ ବାଲ୍ୟ ବିବାହ ଭଳି କୁସଂସ୍କାର ବୃଦ୍ଧି ପାଇବାରେ ଲାଗିଛି। ଏହାର କିପରି ନିରାକରଣ କରାଯାଇପାରିବ ସେ ନେଇ ଥିବା ବିଭିନ୍ନ ଆଇନ ଉପରେ ସଚେତନ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନେ ମଧ କିପରି ନିଜେ ସଚେତନ ହେବେ ସେ ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ଆଇନ ଉପରେ ଅବଗତ କରାଯାଇଥିଲା। ବଧୂହତ୍ୟା, ଯୌତୁକଜନିତ ସମାଜରେ ହେଉଥିବାକୁ ନାରୀମାନଙ୍କ ଉପରେ ଅତ୍ୟାଚାରକୁ ଯେପରି ସମାଜର ମୁଖ୍ୟ ସ୍ରୋତକୁ ଅଣାଯାଇ ପାରିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର ଝାଙ୍କର, କୁବେର ହରିପାଳ, ବଳରାମ ଥନାପତି ମାଷ୍ଟର ଟ୍ରେନର ଭାବେ ତାଲିମ୍ ପ୍ରଦାନ କରିଥିଲେ। ଏହି ତାଲିମ୍ ଶିବିରକୁ ଲକି ମହାଲିଙ୍ଗ ସଂଯୋଜନା କରିଥିଲେ। ସିଆରସିସି ନରେନ୍ଦ୍ର ପୁରୋହିତ, ଚିତ୍ତରଞ୍ଜନ ଠାକୁର, ପ୍ରବୀର ଭୋଇ ସୁନିଲ ସେଠ୍, ପ୍ରଦୀପ୍ତ ଦାସ, ସିଆରପି, ୱାର୍ଡମେମ୍ବର, ପିଇଓ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରି ତାଲିମ ନେଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଶଗଡା,୧୪।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦମାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ସାହାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମେହେର ଏଥିରେ ଅଧକ୍ଷତା କରିଥିଲେ। କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୂର୍ଗାଚରଣ ପ୍ରଧାନ, ଜିଲ୍ଲା ଅମଲା ସଂଘର ସଦସ୍ୟ ସୁଦାମ ମିଶ୍ର, ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ମହାକୁଡ଼, ଖଟଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀ, ଖଟଖଟିଆ ଆଞ୍ଚଳିକ ସାଧନକର୍ମୀ ଦେବବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସମୀର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଦେବବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମମତାଦେବୀ ଭବସାଗର, ଲିପିକା ଲୋଇ,ସୌଦାମିନୀ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଳାହାଣ୍ଡି ଜିଲ୍ଲା 'ସକାଳ' ପରିବାରର ବନ୍ଧୁମିଳନ

ଧର୍ମଗଡ଼,୧୪।୮ (ସମିସ): ଧର୍ମଗଡ଼ ସହରର ହୋଟେଲ ରୟାଲ ପ୍ୟାଲେସରେ ଗୁରୁବାର ଓଡ଼ିଶାର ଅଗ୍ରଣୀ ଦୈନିକ 'ସକାଳ' କଳାହାଣ୍ଡି ପରିବାର ତରଫରୁ



'ବନ୍ଧୁମିଳନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ 'ସକାଳ' ସମ୍ବଲପୁର ସଂସ୍କରଣର ସହକାରୀ ମହାପ୍ରବନ୍ଧକ ନରୋତ୍ତମ ଗୁରୁ, ପଶ୍ଚିମ ଓଡ଼ିଶା ସଂସ୍କରଣ ବିଜ୍ଞାପନ ସଂଯୋଜକ ବ୍ରିଜେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ରୁଚି ଅନୁସାରେ ସବୁବେଳେ ତଥ୍ୟଭିତ୍ତିକ ଖବର କରି "ସକାଳ" ଆଜି ଜନ ସାଧାରଣରଙ୍କ ଅତି ନିକଟତର ହୋଇପାରିଛି ବୋଲି ପଦାଧିକାରୀଗଣ ମତ ପ୍ରକାଶ କରିଥିଲେ। ଏହି କ୍ରମରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। 'ସକାଳ' କିଭଳି ଭାବେ ଜିଲ୍ଲାର କୋଣ ଅନୁକୋଣରେ ପହଞ୍ଚି ପାରିବ ସେନେଇ ବିଶେଷ ଆଲୋଚନା ହୋଇଥିଲା। ଏହି ବନ୍ଧୁମିଳନ ଓ ଆଲୋଚନାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଖବରଦାତା ଓ ଏଜେଣ୍ଟ ଉପସ୍ଥିତ ଥିଲେ। ସେମାନେ ନିଜ ନିଜର ବିଭିନ୍ନ ସମସ୍ୟା ଓ ଅନୁଭବ ବିଷୟରେ ମତ ରଖିଥିଲେ। 'ସକାଳ' ଧର୍ମଗଡ଼ ପ୍ରତିନିଧି ଆଶୁତୋଷ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଜନୀ ମିଶ୍ର, ପ୍ରଦୀପ ପଣ୍ଡା, ଜଗଦୀଶ ନାଏକ, ସୁରେନ୍ଦ୍ର ନାଏକ, ମଧୁସୂଦନ ଠାକୁର, କୃଷ୍ଣ ମହାନନ୍ଦ, ଗୋଲାପ ସାହୁ, ନିଲେଶ ନାଗ, ଆଦିତ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



Lunching of Zoom 125, Courtesy Soumik Hero, Jajpur Road

# ଦେଶାତ୍ମବୋଧ ସ୍ଲୋଗାନରେ କମ୍ପିଲା ରାସ୍ତା

କୋମନା,୧୪।୮(ସମିସ): ନୂଆପଡ଼ ଜିଲ୍ଲା କୋମନା ବ୍ଲକ୍ ପ୍ରଶାସନ ପକ୍ଷରୁ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ସର୍ବେଶ୍ୱର ଜାଲଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଅତିରିକ୍ତ ବିଡ଼ିଓ ଭକ୍ତବନ୍ଧୁ ବୁଡ଼େକ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭେଲା ସରପଞ୍ଚ ବିମଳ ଯୋଶୀ, ମାନିଗୁଡା ସରପଞ୍ଚ ବିରାଟ ବାଗ, କୁରେଶ୍ୱର ସରପଞ୍ଚ ସତ୍ୟବାନ ସାହୁ, ରଜନା ସରପଞ୍ଚ ଖୀରସିନ୍ଧୁ ଭୋଇଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୋମନା ନୂତନ ବ୍ଲକ କାର୍ଯ୍ୟାଳୟରୁ ପୁରୁଣା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଧରି ଧରି ସମସ୍ତେ ପଦଯାତ୍ରା କରିଥିଲେ। ସେହିପରି କୋମନା + ୨ କଲେଜର ୫ ଶହରୁ ଅଧିକ ଛାତ୍ରଛାତ୍ରୀ ତ୍ରିରଙ୍ଗା ଧରି କୋମନା ସହରର ପ୍ରତ୍ୟେକ ଗଳିକନ୍ଦିରେ ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନ ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦୀପକ ଦାସଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଥିଲେ।

**କେସିଙ୍ଗା:** କେସିଙ୍ଗା ବ୍ଲକ୍ ଗୁର୍ଜିମୁଣ୍ଡା ମାଁ ଯୋଗମାୟା ପୀଠରୁ କାଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହୀଦ ଡେମନ୍ତ ମାଝୀ ଏବଂ କାଣ୍ଡେଲସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଝସକେତନ ସାହୁ, ମୁନା ସ୍ୱାଇଁ, ଶଶାଙ୍କ ଶେଖର ମହଲା, ପ୍ରତାପ ବାଗ, ଅଶୋକ ପୋଢ଼, ଧନେଶ୍ୱର ସାହୁ, କୁଞ୍ଜବିହାରୀ ସାହୁ, ଅକ୍ଷୟ ରଣା, ପ୍ରଭାତ ବିଶି, ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**କୋକସରା:** କୋକସରା ବ୍ଲକ ଆମପାଣି ପଞ୍ଚାୟତର ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ସହ ଜନସାଧାରଣଙ୍କୁ ତ୍ରିରଙ୍ଗା ଯାତ୍ରାକୁ ନେଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ତଥା ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭାକର ଖଟୁଆ ଏବଂ ପଙ୍କଜ ପରିଜା ସହଯୋଗ କରିଥିଲେ।

**ଲାଞ୍ଜିଗଡ:** ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାରା ଦେଶ ଆଜି ଏକଜୁଟ ହୋଇଛି ତ୍ରିରଙ୍ଗା ପତାକା ତଳେ ଦେଶପ୍ରେମର ମହାମନ୍ତ୍ର ଉଚ୍ଚାରଣ କରିବା ପାଇଁ। ଏବେ ସମସ୍ତଙ୍କ ହାତରେ ତ୍ରିରଙ୍ଗା ଓ ମୁହଁରୁ ଶୁଭୁଛି ଭାରତ ମାତା କୀ ଜୟର ଧ୍ୱନି। ଏହି ପରିପେକ୍ଷୀରେ ଗୁରୁବାର ଲାଞ୍ଜିଗଡ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଛି। ଏହା ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥଲା। ପୂଜାର୍ଚ୍ଚନା କରିବା ପରେ ପୁଣି ବ୍ଲକ୍ କାର୍ଯ୍ୟାଳୟକୁ ଫେରିଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଶଶାଙ୍କ ପାତ୍ର, ରମେଶ ମାଝୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ଏପିଓ ସଞ୍ଜିତ ପରଡ଼ା, ବ୍ଲକ୍ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ତୋଫାନ ସୁନାନୀ, ନରେନ୍ଦ୍ର ବେହେରା, ତୁଳସୀ ମାଝୀ, ପ୍ରଭୁ ରଞ୍ଜନ ସାମଲ, ଗୌତମ ନାଗ, ସୁବାଷ ଅଗ୍ରୱାଲ, ସଞ୍ଜୟ ସାହୁ, ଲକ୍ଷ୍ମୀଧର ସନ୍ତୋଷ ରାୟ, ଅନନ୍ତରାମ ପ୍ରଧାନୀ, ତ୍ରିନାଥ ପାତ୍ର, ଭାଗିରଥି ଧଙ୍ଗଡ଼ା ମାଝୀ, ଖୁସି ରାମ ଗୌଡ଼, ଦେବ ପଟେଲ, ମିଳନ ମହାପାତ୍ର, ଭକ୍ତ ଦୋରା, ଦେବରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲର ଶିକ୍ଷକ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବ୍ଲକସ୍ତରୀୟ କର୍ମଚାରୀଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ବିଜେପି ତରଫରୁ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଖ୍ରୀଷ୍ଟଦତ୍ତ ରାଉତଙ୍କ ନେତୃତ୍ୱରେ ଉର୍ଲଦାନୀ ପଞ୍ଚାୟତର ରଙ୍ଗାପଦରଠାରୁ ଆରମ୍ଭ ହେଇ ଉର୍ଲଦାନୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଦ୍ୱିତୀୟ ଦିବସରେ ଯଜ୍ଞସେନ ପଣ୍ଡାଙ୍କ ନେତୃତ୍ୱରେ ମ.ରାମପୁର ଅଞ୍ଚଳରେ ଏହି ତ୍ରିରଙ୍ଗା ଯାତ୍ରା ସମାପନ ହେଇଥିଲା। ପଦ୍ମଲୋଚନ ମିଶ୍ର, ସଂଯୁକ୍ତା ସିଂହଦେଓ, ଖୁସିରାମ ସାହୁ, ପ୍ରଶାନ୍ତ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରଣା, ବିଜୟ ମହାଖୁଡ଼, ଦିବାକର ବାଗ, ଫକୀର ରଣା, ମୋହନ ମନହୀରା, ଜୟ ପାତ୍ର, ଦେବଦତ୍ତ ପ୍ରହରାଜ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରବୀର ସାହୁଙ୍କ ନେତୃତ୍ୱରେ ଏହି ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ଛକରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବା ପରେ ସହଲାଠାରେ ସମାପନ ହୋଇଥିଲ। ହେମନ୍ତ ବିଶ୍ୱାଳ, ପ୍ରକାଶ ସାହୁ, ଚନ୍ଦ୍ର କେତୁ ମହାଲିଙ୍ଗ, ମଦନ ଗଡତିଆ, ଗଣେଷ ମାଝୀ, ବସନ୍ତ ପତି, ଖେମାନିଧି ମେହେର, ଚକ୍ର ମନହିରା, ଦୁର୍ଯ୍ୟୋଧନ ପୋଢ଼, ଅଣାକାର ବିଶେଶ୍ୱର, ଅକ୍ଷୟ ପଧାନ, ସରୋଜ ପାଣ୍ଡେ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଓ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଶାର ଭୟାବହତା ଉପରେ ସେ ସଚେତନତା ସୃଷ୍ଟି କରିଥିଲେ। ନିଶାମୁକ୍ତ ଭାରତ ଗଢିବା ଅଭିଯାନରେ ସାମିଲ ହୋଇ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବାକୁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଏକ ଶପଥ ପାଠ କରାଯାଇଥିଲା। ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରେଙ୍ଗାଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦେବଯାନୀ ମେସୁଆ, ଶାନ୍ତନୁ ପଧାନ, ଶିବବ୍ରତ କର୍ଣ୍ଣ, ବିପିନ କଲତା, ରିଙ୍କି ଗଡୁଆ, ଅବନ୍ତି ନାଏକ, ସଞ୍ଜୟ କର୍ଣ୍ଣ, ବସୁଦେବ ରଣା, ବ୍ରଜ ମହାକୁର ପ୍ରମୁଖ ସହଯୋଗ କରିଥିଲେ।



## ଶିକ୍ଷକ କୃଷ୍ଣ ବାଘଙ୍କ ପରଲୋକ



ତରଭା,୧୪।୮(ସମିସ): ତରଭା ସରକାରୀ ବାଳକ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ କୃଷ୍ଣ କୁମାର ବାଘ (୮୨) ଆଉ ନାହାନ୍ତି। ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସୋନପୁର ରାମେଶ୍ୱର ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

## କାର୍‌କୁ ଘୋଷାଡି ନେଲା ଟ୍ରକ୍

ବିନିକା,୧୪।୮(ସମିସ): ବିନିକା-ରାମପୁର ମୁଖ୍ୟ ରାସ୍ତାର ସିଂଘିଯୁବା ହାଇସ୍କୁଲ ଛକଠାରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାରକୁ ପଛପଟୁ ଗୋଟିଏ ଟ୍ରକ୍ ଧକ୍କା ଦେଇ କିଛି ଦୂର ଘୋଷାଡି ନେଇଥିଲା। ଏହା ଫଳରେ କାରଟି ଭାଙ୍ଗି ରୁଜି ଯାଇଛି। କାର୍ ଚାଳକ କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାରଟି ସୋନପୁର ପଟରୁ ରାମପୁର ପଟକୁ ଯାଉଥିଲା। ଏହି ସମୟରେ କାରର ପଛେ ପଛେ ଏକ ଟ୍ରକ ମଧ୍ୟ ଦ୍ରୁତ ଗତିରେ ଯାଉଥିଲା। ସିଂହିଯୁବା ଛକ ନିକଟରେ ଟ୍ରକଟି କାରକୁ ଧକ୍କା ଦେଇ ଘୋଷାଡି ନେଇଥିଲା।

## ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ସୁବଳୟା,୧୪।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଗୁରୁବାର ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଶୋର ହୋତା, ମତ୍ସ୍ୟ ଚାଷ ପ୍ରଶିକ୍ଷକ ସୁଶୀଲ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ସୁପ୍ରଭା ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ମାଧବ ପଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନରେନ୍ଦ୍ର ଝା, ନିତାରାଣୀ ପଧାନ, ପ୍ରଭାତ ପୁରୋହିତ, ଦୀପକ ଟପ୍ପୋ, ସିଦ୍ଧେଶ୍ୱର ତ୍ରିପାଠୀ, ମାଳତୀ ନାଏକ, ବିଦ୍ୟୁତ ପ୍ରଭା ରଥ, ସୋନାଲି ମହାକୁର, ପୂଜାରାଣୀ ମେହେର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ବାର୍‌ହା ମୃତଦେହ ଜବତ


କେସିଙ୍ଗା,୧୪।୮(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନଖଣ୍ଡ ବଡିଯୋର ନିକଟରୁ ଏକ ବାର୍‌ହା ମୃତଦେହ ମିଳିଛି। ବିଦ୍ୟୁତ୍ ତାର ଲଗାଇ ମରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ ବିଭାଗ ବାର୍‌ହା ମୃତଦେହ ଜବତ କରିଛି। ଏହାସହ ସେଠାରୁ ଏ ବାଇକ୍ ମଧ୍ୟ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ପଶୁ ଚିକିତ୍ସାଳୟ ପଠାଇ ତଦନ୍ତ ଜାରି ରହିଥିବା ବନ ବିଭାଗ କହିଛି।

## ରାଜ୍ୟସ୍ତରୀୟ ଚେସ୍ ଚାମ୍ପିଅନସିପ ଉଦ୍‌ଘାଟିତ

ବୌଦ୍ଧ,୧୪।୮୨୫(ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପିଅନସିପ-୨୦୨୫ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ୍ ଓଡିଶା ଚେସ୍ ଆସୋସିଏସନ ସହାୟତାରେ ବୌଦ୍ଧ ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସର୍ବ ଭାରତୀୟ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଅଗଷ୍ଟ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ୍ ଚାମ୍ପିଅନସିପର ଉଦ୍‌ଘାଟନୀ ଉତ୍ସବରେ କଣ୍ଟାମାଳ ବିଧାୟକ କହ୍ନେଇ ଚାରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ସଂଘ ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ସାହୁ ଯୋଗ ଦେଇଥିଲେ। ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୌଦ୍ଧ ଜିଲ୍ଲା ଚେସ ସଙ୍ଘ କୋଷାଧ୍ୟକ୍ଷ ନିରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚାମ୍ପିଅନସିପରେ ୧୨୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୫୦ରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ରେଟେଡ଼ ଖେଳାଳି ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପରିଚାଳନା କରୁଛନ୍ତି।


## ୧୨୧ତମ ଶିକ୍ଷା ଚେତନା ଅଭିଯାନ

ଭବାନୀପାଟଣା,୧୪।୮(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଦାସିଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ତରଫରୁ ୧୨୧ତମ ଶିକ୍ଷା ଚେତନା ଅଭିଯାନ ଅନୁଷ୍ଠିତ ହେଇଯାଇଛି। ଦାସିଗାଁ ସରପଞ୍ଚ ପ୍ରମୋଦିନୀ ପ୍ରହରାଜ ସଭାପତିତ୍ୱ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମିତି ସଭ୍ୟ ସୌମେନ୍ଦ୍ର ମୁଣ୍ଡ, ଉଦ୍ଧବ ଚରଣ ସାହୁ, ନାରାୟଣ ପାଢ଼ୀ, ଶିକ୍ଷାବିତ ଲିଙ୍ଗରାଜ ମିଶ୍ର, ବସନ୍ତ ନାଏକ, ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବଡତ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମଦନ ମୋହନ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଆଦିତ୍ୟ ପଣ୍ଡା ଓ ଗଣକ ଭାବେ ପବିତ୍ର ସରବାଙ୍ଗ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ପ୍ରଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।







# ଅଭିନେତା ଦର୍ଶନଙ୍କ ଜାମିନ ବାତିଲ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଅଭିନେତା ଦର୍ଶନ ଓ ଅନ୍ୟ ଲୋକଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଜେବି ପାରଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିବା ସହ ଏଥିରେ ବହୁତ ତ୍ରୁଟି ରହିଛି ବୋଲି କହିଛନ୍ତି। ଅଭିଯୁକ୍ତ ଯେତେ ବଡ଼ ହୁଅନ୍ତୁ ନା କାହିଁକି, ତାଙ୍କ ଲୋକପ୍ରିୟତା ଯେତେ ହେଉ ନା କାହିଁକି ସେ ଆଇନ୍‌ର ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ପୂରା ସମାଜକୁ ଏକ ଗଠନମୂଳକ ବାର୍ତ୍ତା ଯିବ। ତେଣୁ ଯଥାଶୀଘ୍ର ଅଭିଯୁକ୍ତ ଆତ୍ମସମର୍ପଣ କରନ୍ତୁ ବୋଲି କୋର୍ଟ କହିଛନ୍ତି। କୋର୍ଟ ଦର୍ଶନଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଲରେ ଅଭିଯୁକ୍ତମାନଙ୍କୁ ବିଶେଷ ସୁବିଧା ସୁଯୋଗ ନ ଦେବାକୁ ତାଗିଦ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଦର୍ଶନ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ଜାମିନ ପ୍ରଦାନ କରିଥିଲେ। ଏବେ ବଲ୍ଲାରୀ ଜେଲ୍‌ରେ ଦର୍ଶନ ଓ ଅନ୍ୟମାନଙ୍କୁ ରଖାଯିବ ଓ ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଲ୍ଲେଖଥାଉ କି ଦର୍ଶନ ଓ ପବିତ୍ର ଗୌଡା ସମେତ ଅନ୍ୟ ଅଭିଯୁକ୍ତମାନେ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ମୃତଦେହ ଏକ ନାଳରୁ ମିଳିଥିଲା।

# ପାଇଲଟ୍‌ଙ୍କ ଡ୍ୟୁଟି ନେଇ ଏୟାର ଇଣ୍ଡିଆକୁ ଡିଜିସିଏର ଚେତାବନୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ପାଇଲଟମାନଙ୍କ ଡ୍ୟୁଟି ସମୟସୀମା ଉଲ୍ଲଂଘନ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଦୁଇଟି ଅନ୍ତର୍ଜାତୀୟ ଉଡାଣକୁ ନେଇ ଡିଜିସିଏ ଏହି ଚେତାବନୀ ଦେଇଛି। ଗତ ମେ ମାସରେ ବେଙ୍ଗାଲୁରୁ ଓ ଲଣ୍ଡନ ମଧ୍ୟରେ ଚାଲୁଥିବା ଦୁଇଟି ବିମାନରେ ପାଇଲଟମାନେ ୧୦ ଘଣ୍ଟାରୁ ଅଧିକ ସମୟ ବିମାନ ଚଳାଇଥିଲେ। ଏହା ନିୟମର ଘୋର ଉଲ୍ଲଂଘନ ବୋଲି ଡିଜିସିଏ ତରଫରୁ କୁହାଯାଇଛି। ଡିଜିସିଏ ଏସଂକ୍ରାନ୍ତରେ ଏୟାରଲାଇନକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଭବିଷ୍ୟତରେ ଏପରି ନ କରିବାକୁ ଡିଜିସିଏ ଚେତାବନୀ ଦେଇଛି। କିନ୍ତୁ ପାକିସ୍ତାନର ଆକାଶ ସୀମା ବନ୍ଦ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିପାଇଁ ଅଧିକ ଦୂର ଅତିକ୍ରମ କରିବାକୁ ପଡୁଛି ବୋଲି ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି। କିନ୍ତୁ ପରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ଜଣେ ପାଇଲଟ ଗୋଟିଏ ଦିନରେ ଅତିବେଶିରେ ୧୦ ଘଣ୍ଟା ବିମାନ ଉଡାଇବାର ନିୟମ ରହିଛି। ପାଇଲଟଙ୍କୁ କ୍ଲାନ୍ତିରୁ ମୁକ୍ତି ଦେବା ଓ ବିମାନ ଉଡ଼ାଣକୁ ସୁରକ୍ଷିତ କରିବା ହେଉଛି ଏହାର ଲକ୍ଷ୍ୟ। ପୁଣି ପ୍ରତ୍ୟେକ ଉଡ଼ାଣ ପରେ ଜଣେ ପାଇଲଟଙ୍କୁ ୧୨ ଘଣ୍ଟା ବିଶ୍ରାମ ନେବା ଜରୁରି ବୋଲି କୁହାଯାଇଛି।

# ୭୦ ଦେଶର ଜେଲ୍‌ରେ ଅଛନ୍ତି ୧୦,୫୭୪ ଭାରତୀୟ କଏଦୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୧୦ ହଜାର ୫୭୪ ଜଣ ଭାରତୀୟ କଏଦୀ ରହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ମଧ୍ୟପ୍ରାଚ୍ୟ ଦେଶ ୟେମେନ ସମେତ ୧୧ଟି ଦେଶରେ ୪୩ ଜଣ ଭାରତୀୟ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ କେତେଜଣ ବିଚାରାଧୀନ କଏଦୀ ରହିଛନ୍ତି। ଆଉ କେତେ ଜଣ ଦଣ୍ଡିତ ହୋଇ ସାରିଛନ୍ତି। ଆଉ କେତେକ ସଜା ପୂରା କରିବା ପରେ ମୁକ୍ତି ଓ ପ୍ରତ୍ୟାର୍ପଣ ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି। କିନ୍ତୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛି କାରଣରୁ ସବୁ ଦେଶ ସବୁ ତଥ୍ୟ ଦେଇ ନଥାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ୨୧ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗତ ଗୋଟିଏ ଦଶକରେ ବିଦେଶରେ ଭାରତୀୟ କଏଦୀ ସଂଖ୍ୟାରେ ୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ରେ ବିଦେଶୀ ଜେଲ୍‌ରେ ୬, ୪୮୯ ଭାରତୀୟ କଏଦୀ ରହିଥିଲେ। ୨୦୧୬ରେ ୬, ୪୮୯ କଏଦୀ ଥିଲେ। ୨୦୨୫ରେ ଏହି ସଂଖ୍ୟା ୧୦, ୫୭୪ରେ ପହଞ୍ଚିଛି ବୋଲି କୁହାଯାଇଛି।

# ଫାଙ୍କା ଗୁଳିଚାଳନାରେ ୩ ମୃତ, ୬୦ରୁ ଊର୍ଦ୍ଧ୍ୱ ଆହତ

କରାଚି, ୧୪।୮(ଏଜେନ୍ସି): ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ ଅବସରରେ କରାଚିରେ ଗୁଳିକାଣ୍ଡ ଘଟିଛି। ଗୁଳି ଚାଳନା କରି ଉତ୍ସବ ମନାଯାଉଥିବା ବେଳେ ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟ ଜଣେ ବରିଷ୍ଠ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ଏହି ଘଟଣାରେ ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ କରାଚିର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରିଥିଲେ। କେତେକ ସ୍ଥାନରେ ଲୋକେ ଉପରକୁ ଫାଙ୍କା ଗୁଳି ଚାଳନା କରି ଭିନ୍ନ ଢଙ୍ଗରେ ଉତ୍ସବ ମନାଇଥିଲେ। କିନ୍ତୁ ନିରିହ ଲୋକଙ୍କ ଦେହରେ ଗୁଳି ବାଜିଥିଲା। ଏହାପୂର୍ବରୁ କରାଚିରେ ଏକାଧିକବାର ଏଭଳି ଘଟଣା ଘଟିଛି। ୨୦୨୫ ଜାନୁଆରୀରେ କରାଚିର ଅଲଗା ଅଲଗା ସ୍ଥାନରେ ଗୁଳି ଚାଳନା ଘଟଣାରେ ୪୨ ଜଣ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୫ ଜଣ ମହିଳା ସାମିଲ ରହିଥିଲେ। ୨୩୩ଜଣ ଲୋକ ଆହତ ହୋଇଥିଲେ।

# ସ୍ମରଣୀୟ ହୋଇରହିବ ଅପରେସନ ସିନ୍ଦୂର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪।୮: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଭାରତର 'ଅପରେସନ ସିନ୍ଦୂର' ଥିଲା ଆତଙ୍କବାଦ ବିରୋଧରେ ମାନବିକତାର ଲଢ଼େଇ। ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣ ଥିଲା କାପୁରୁଷପଣିଆ ଏବଂ ଅମାନବିକତାର ପରିଚୟ। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଜରିଆରେ ଆମର ସେନା ଜଣାଇ ଦେଇଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମର ଯବାନ ସର୍ବଦା ପ୍ରସ୍ତୁତ ରହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତୀୟ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ଥିଲା ମାନବିକତାର ଲଢେଇ ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। ଯେଉଁମାନେ ଆମକୁ ଭାଗ ଭାଗ କରିବାକୁ ଚାହିଁଥିଲେ ସେମାନଙ୍କୁ ଭାରତବାସୀ ଏକ ହୋଇ ଠିକଣା ଜବାବ ଦେଇଛନ୍ତି। ଭାରତ କାହା ଉପରେ ଆକ୍ରମଣ କରିବ ନାହିଁ। କିନ୍ତୁ ଆକ୍ରମଣର ଶିକାର ହେଲେ ଭାରତ କିପରି ଉଚିତ ଜବାବ ଦେଇପାରୁଛି, ଭାରତର ସେହି ଶକ୍ତିକୁ ସାରା ବିଶ୍ୱ ଦେଖିଲା।

ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରିବା ସହିତ ଭାରତର ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଛନ୍ତି। ଜିଡିପରେ ୬.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସଫଳ ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ପାକିସ୍ତାନକୁ ଭାରତର ଚେତାବନୀ



## ନିଜ ଭାଷା ଉପରେ ନିୟନ୍ତ୍ରଣ ରଖ
## ନଚେତ ପରିଣାମ ଯନ୍ତ୍ରଣାଦାୟକ ହେବ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। କେତେକ ପାକିସ୍ତାନ ନେତା ଭାରତ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ଭାରତ ମଧ ଏହାର ଜବାବ ଦେଇଛି। ନିଜ ଭାଷା ଉପରେ ନିୟନ୍ତ୍ରଣ ରଖିବାକୁ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନିଜର ଅପାରଗତାକୁ ଲୁଚାଇବା ପାଇଁ ପାକିସ୍ତାନ ନେତାମାନେ ଭାରତ ବିରୋଧରେ ଏଭଳି ଦାୟିତ୍ୱହୀନ, ଯୁଦ୍ଧ ପାଇଁ ଉସ୍‌କାଇବା ଓ ଘୃଣା ସୃଷ୍ଟି କଲା ଭଳି ମନ୍ତବ୍ୟ ଦେଉଛନ୍ତି। ପାକ୍ ନେତାମାନେ ନିଜର ଭାଷା ଓ ବକ୍ତବ୍ୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ। ଯଦି ପାକିସ୍ତାନ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ତା'ର ପରିଣତି ପାକିସ୍ତାନ ପାଇଁ ବହୁତ ଯନ୍ତ୍ରଣାଦାୟକ ହେବ ବୋଲି ଜୟସ୍ୱାଲ ଚେତାଇଛନ୍ତି। ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ପରେ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ଜଣ ନେତା ଭାରତ ବିରୋଧରେ ପରମାଣୁ ଆକ୍ରମଣ ଧମକ ଦେଇଥିଲେ। ଏମାନଙ୍କ ମଧ୍ୟରେ ପାକ୍ ସେନାମୁଖ୍ୟ ଆସିମ ମୁନୀର, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ସାମିଲ ରହିଛନ୍ତି।

ଯଦି ସିନ୍ଧୁ ନଦୀରେ ଭାରତ କୌଣସି ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ ।।କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେବ ବୋଲି ମୁନୀର ଧମକ ଦେଇଥିଲେ। ସେହିପରି ଭାରତ ସହ ଯୁଦ୍ଧ କରି ଆମେ ସବୁ ୬ଟି ନଦୀକୁ ଫେରାଇ ଆଣିବୁ ବୋଲି ବିଲାୱଲ କହିଥିଲେ। ଯଦି ଶତ୍ରୁ ପାଣି ରୋକେ ତେବେ ଆମେ ଏଭଳି ଶାସ୍ତି ଦେବୁ ଯେ, ତାହାକୁ ସାରା ଜୀବନ ଭୁଲି ପାରିବ ନାହିଁ ବୋଲି ଶାହବାଜ ସରିଫ କହିଥିଲେ। ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନର ଦାବିକୁ ଜୟସ୍ୱାଲ ପ୍ରତ୍ୟାଖାନ କରିଛନ୍ତି। ପହଲଗାମ ଆକ୍ରମଣ ସହିତ ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଜବାବରେ ଭାରତ ସିନ୍ଧୁ ଚୁକ୍ତିକୁ ସ୍ଥଗିତ ରଖିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୨୫ ଜୁନ୍ ୨୭ରେ ଏକ ପ୍ରେସ ବିବୃତି ।।ରେ ଭାରତ ଏନେଇ ସ୍ପଷ୍ଟ କରିଥିଲା ବୋଲି ସେ କହିଛନ୍ତି।

# ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ୯ ପାଇଲଟଙ୍କୁ ବୀର ଚକ୍ର

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଅପରେସନ ସିନ୍ଦୂରରେ ସାହସିକତା ପ୍ରଦର୍ଶନ କରିଥିବା ସଶସ୍ତ୍ର ବଳର ୮୬ ଜଣ ଯବାନଙ୍କୁ ଗାଲଣ୍ଟ୍ରି ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ବାୟୁସେନାର ୫୨ ଜଣ ଯବାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଏହା ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ବାୟୁସେନାର ୯ ଜଣ ପାଇଲଟଙ୍କୁ ବୀରଚକ୍ର ପୁରସ୍କାର ପ୍ରଦାନ କରାଯିବ। ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିବା ପାଇଲଟ ଏଥିରେ ସାମିଲ ରହିଛନ୍ତି। ପରମବୀର ଚକ୍ର ଓ ମହାବୀର ଚକ୍ର ପରେ ବୀର ଚକ୍ରଙ୍କୁ ତୃତୀୟ ସ।।ର୍ବୋଚ୍ଚ ସାମରିକ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ଅପରେସନ ସିନ୍ଦୂର ପାଇଁ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ଅଭିମନ୍ୟୁ ସିଂଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ସେହିପରି ୯ ଜଣ ରଞ୍ଜିତ ସିଂ



ସିଦ୍ଧୁ, ମନୀଷ ଅରୋଡା, ଅନିମେଷ ପାଟନୀ, କୃଣାଳ କାଲରା (ସମସ୍ତେ ଗ୍ରୁପ୍ କ୍ୟାପଟେନ), ସାର୍ଥକ କୁମାର, ସିଦ୍ଧାନ୍ତ ସିଂ, ରିଜୱାନ ମଲିକ (ସମସ୍ତେ ସ୍କ୍ୱାଡ୍ରନ ଲିଡର) ଏବଂ ଫ୍ଲାଇଟ୍ ଲେପଟନାଣ୍ଟ ଅର୍ଶବୀର ସିଂ ଠାକୁରଙ୍କୁ ବୀର ଚକ୍ର ପ୍ରଦାନ କରାଯାଇଛି।

ସଶସ୍ତ୍ର ବଳର ୭ ଜଣ ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବାୟୁସେନାର ୩ ଓ ସେନାର ୨ ଓ ନୌସେନାର ଜଣେ ଅଧିକାରୀ ସାମିଲ ରହିଛନ୍ତି। ଏହାପୂର୍ବରୁ ଏହି ପୁରସ୍କାର କାରିଗିଲ ଯୁଦ୍ଧ ସମୟରେ ଶେଷଥର ପାଇଁ ଦିଆଯାଇଥିଲା। ସେହିପରି ଭାରତୀୟ ସେନାର ୧୮ ଜଣ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି। ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକରେ ମଧ ସମ୍ମାନିତ କରାଯାଇଛି। ସେହିପରି ୪ କୀର୍ତ୍ତି ଚକ୍ର, ୪ ବୀର ଚକ୍ର ଓ ୮ ସୌର୍ଯ୍ୟ ଚକ୍ର ପୁରସ୍କର ମଧ ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ବିଏସ୍‌ଏଫ୍‌ର ୧୬ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି।

## ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟର ମର୍ଯ୍ୟାଦା ଦେବା ମାମଲା

# କେନ୍ଦ୍ରଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଫେରାଇବା ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କେନ୍ଦ୍ର ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଏ ନେଇ ଲିଖିତ ଭାବେ ଉତ୍ତର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମଧ କୋର୍ଟ ଉଲ୍ଲେଖ କରିଛନ୍ତି। ଏଭଳି ଆକ୍ରମଣକୁ ଅଣଦେଖା କରିହେବନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ଗଠିତ ଖଣ୍ଡପୀଠ ଏହାକୁ ଚନ୍ତାଜନକ ବୋଲି କହିଛନ୍ତି। ଜମ୍ମୁ-କଶ୍ମୀରରେ ତୃଣମୂଳ ସ୍ତରରେ ଥିବା ସମସ୍ୟା, ବାସ୍ତବ ସ୍ଥିତି ଓ ପହଲଗାମ ଭଳି ଆତଙ୍କବାଦୀ ଘଟଣାକୁ ଆଦୌ ଅଣଦେଖା କରିହେବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଥାଉ କି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାର ଜାମ୍ମୁ-କଶ୍ମୀରକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ବିରୋଧରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ। ସେତେବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ ଅଶ୍ୱାସନା ଦେଇଥିଲେ। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରିନଥିଲେ।

ଜମ୍ମୁ-କଶ୍ମୀର ସ୍ଥିତିକୁ ବିଚାର କଲେ ବର୍ତ୍ତମାନ ଏନେଇ କୌଣସି କଥା ଉଠାଯିବା କଥା ନୁ।।ହେଁ। ଆମେ ସବୁ କଥା ମାନିବୁ ଓ ଏଥିପାଇଁ ୮ ସପ୍ତାହ ସମୟ ଦିଆଯାଉ ବୋଲି ତୁଷାର କୋର୍ଟଙ୍କୁ କହିଥିଲେ। ଆଠ ସପ୍ତାହ ପରେ ଏ ନେଇ ଶୁଣାଣି ହେବ। ୩୭୦ ଧାରା ହଟାଯିବା ପରେ ଜମ୍ମୁ-କଶ୍ମୀରରେ ୨୦୨୪ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଫଳାଫଳ ଅକ୍ଟୋବର ୮ରେ ପ୍ରକାଶିତ ହୋଇଥିଲା। କିନ୍ତୁ ରାଜ୍ୟର ମର୍ଯ୍ୟାଦା ନ ମିଳିବା ପର୍ଯ୍ୟନ୍ତ ନିର୍ବାଚିତ ସରକାରଙ୍କ ମହତ୍ତ୍ୱ ପ୍ରାୟ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା।

# ପୁଟିନଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ

ୱାଶିଂଟନ, ୧୪।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ପୁଣି ଧମକ ଦେଇଛନ୍ତି। କହିଛନ୍ତି ଯେ ଶୁକ୍ରବାର ଆଲାସ୍କାରେ ପୁଟିନଙ୍କ ସହିତ ହେବାକୁ ଥିବା ଶିଖର ବୈଠକ ବିଫଳ ହେଲେ ରୁଷକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ।

## ଯୁଦ୍ଧ ବନ୍ଦ ନକଲେ ପରିଣତି ଭୟଙ୍କର ହେବ



ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ସମାପ୍ତ ପାଇଁ ସେ ପୁଟିନଙ୍କୁ ବୁଝାଇବେ। ଯୁଦ୍ଧ ଶେଷ କରିବାକୁ ପୁଟିନ ରାଜି ନହେଲେ ତାଙ୍କୁ ଗମ୍ଭୀର ପରିଣତି ଭୋଗିବାକୁ ହେବ। ଅଗଷ୍ଟ ୧୫ ଅର୍ଥାତ ଶୁକ୍ରବାର ଟ୍ରମ୍ପ ଓ ପୁଟିନ ଆଲାସ୍କାରେ ଶିଖର ବୈଠକ କରିବେ। ୟୁକ୍ରେନରେ ଗତ ସାଢ଼େ ୩ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଦୁଇ ନେତା ପ୍ରଥମଥର ପାଇଁ ଆମେରିକା ମାଟିରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ବୁଧବାର ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଅନ୍ୟ ୟୁରୋପୀୟ ନେତାଙ୍କ ସହ ଆଭାସୀ ବୈଠକରେ ମିଳିତ ହୋଇଥିଲେ। ଯୁଦ୍ଧ ଶେଷ କରିବାକୁ ହେଲେ ଦୁଇ ଦେଶକୁ ଜମି ଅଦଳବଦଳ କରିବାକୁ ହେବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏଥିରେ ୟୁକ୍ରେନ କ୍ଷତିଗ୍ରସ୍ତ ହେବ ବୋଲି ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ଯୁଦ୍ଧ ଶେଷ କରିବାକୁ ନିଜ ଦେଶର ଜମି ଛାଡିବାକୁ ଜେଲେଁସ୍କି ମନା କରି ଦେଇଛନ୍ତି। ତେଣୁ ଆଲାସ୍କା ବୈଠକ ଉପରେ ଏବେ ସାରା ବିଶ୍ୱର ନଜର ରହିଛି ଓ ଏହି ବୈଠକ ଫଳାଫଳ କ'ଣ ହେବ ସେ ନେଇ ବିଭିନ୍ନ ଆକଳନ କରାଯାଉଛି। ପୁଣି ଯଦି ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଏହି ବୈଠକ ବିଫଳ ହୁଏ, ତେବେ ଭାରତ ଉପରେ ମଧ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ଆମେରିକାର ପୂର୍ବରୁ ୨୫ ଓ ପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ତେଣୁ ଆଲସ୍କା ବୈଠକ ସଫଳତା ଉପରେ ସବୁ କିଛି ନିର୍ଭର କରୁଛି।

## ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ବହିଷ୍କାର କଲେ ଅଖିଳେଶ

# ଯୋଗୀଙ୍କୁ ପ୍ରଶଂସା କରିବା ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ଗୁରୁବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ହତ୍ୟା କରିଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାକାଣ୍ଡ ପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ପୂଜା ବିଧାନସଭାରେ କହିଥିଲେ। ଅପରାଧୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଏହା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ।

ଦଳୀୟ ବିଚାରଧାରା ବିରୋଧରେ ଯାଇ ବିଧାୟିକା ପୂଜା ହିଂସା ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ପାର୍ଟିରୁ ବହିଷ୍କାର କରିଛନ୍ତି ଦଳର ସୁପ୍ରିମୋ ଅଖିଳେଶ ଯାଦବ। ବିଧାୟିକା ପୂଜା ପାଲ ହେଉଛନ୍ତି ରାଜୁ ପାଲଙ୍କ ପତ୍ନୀ। ୨୦୦୫ରେ ଅତିକ ରାଜୁ ପାଲଙ୍କୁ ହତ୍ୟା କରିଥିଲା। ପରେ ଅତିକ ଓ ତା ଭାଇ ଆଶ୍ରଫଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା କରାଯାଇଥିଲା। ଏଥିପାଇଁ ପୂଜା ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋତେ ଯାହା ଠିକ୍ ଲାଗିଲା ତାହା ହିଁ କହିଛି। ମୁଁ ସମାଜବାଦୀ ପାର୍ଟିର କିମ୍ବା ଅଖିଳେଶଙ୍କ ନାମ ନେଇ ନଥିଲି। ମୁଁ କେବଳ ଅତିକ ଅହମ୍ମଦର ନାଁ ନେଇଥିଲି ଓ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲି। ତେଣୁ କୌଣସି ଅପରାଧ କରିନାହିଁ ବୋଲି ପୂଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ତାଙ୍କ ମନ୍ତବ୍ୟର ନିନ୍ଦ କରିଛି ସମାଜବାଦୀ ପାର୍ଟି।

# 'ବୁଲା କୁକୁର ମାମଲାରେ ନିୟମର ପାଳନ ହେଉନି'



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବୁଲା କୁକୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟା ଓ ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ମମାଲାରେ ସବୁ ପକ୍ଷରୁ ଦଲିଲ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ନିୟମ ପ୍ରସ୍ତୁତ ହେଉଛି, କିନ୍ତୁ ପ୍ରଶାସନ ଏହା ପାଳନ କରୁନାହିଁ।

ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦଲିଲ ଦେଇ କହିଥିଲେ ଯେ, ଏଭଳି ମାଂସାହାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜକୁ ପଶୁପ୍ରେମୀ ଭାବେ ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ସମାଧାନ ହେଉ ବୋଲି କହିଥିଲେ। ଦିଲ୍ଲୀ- ଏନ୍‌ସିଆର ସବୁ ବୁଲା କୁକୁରଙ୍କୁ ଏକାଠି କରି ଏକ ଆଶ୍ରୟସ୍ଥଳୀରେ ରଖିବା ଏବେ ସମ୍ଭବ ନୁହଁ। କାରଣ ବର୍ତ୍ତମାନ ଏଭଳି ଆଶ୍ରୟସ୍ଥଳୀ ନାହିଁ ବୋଲି ସିବଲ କହିଥିଲେ।

ସମସ୍ତ ବୁଲା କୁକୁରଙ୍କୁ ଉଠାଇ ଆଣି ଆଶ୍ରୟସ୍ଥଳୀରେ ରଖିବା ସହ ବନ୍ଧ୍ୟାକରଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେ।।ବେ ବିବାଦ ହେବା ପରେ ଗୁରୁବାର ଏହି ୩ ଜଣ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ଶୁଣାଣି କରିଥିଲେ। କିଛି ଲୋକ ଦିଲ୍ଲୀ-ଏନ୍‌ସିଆର ରାସ୍ତାଗୁଡିକୁ କୁକୁରମୁକ୍ତ କରିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାର ବିରୋଧ କରିଥିଲେ। ଏହାଦ୍ୱାରା ମଣିଷ ଓ କୁକୁର ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବ ବୋଲି ସେମାନେ ଯୁକ୍ତି କରିଥିଲେ।

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠୁ



ପର୍ଥ, ୧୪।୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭାରତୀୟ ପୁରୁଷ ହକି ଦଳ ମଧ୍ୟରେ ଶୁକ୍ରବାରଠାରୁ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ସିରିଜର ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଅଗଷ୍ଟ ୧୬, ୧୯ ଓ ୨୧ ତାରିଖରେ ପରବର୍ତ୍ତୀ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନରେ ରହିଛି। ସେହିଭଳି ଘରୋଇ ଅଷ୍ଟ୍ରେଲିଆ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବାରୁ ଏହି ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅଗଷ୍ଟ ୨୯ରୁ ବିହାରରେ ଏସିଆ କପ୍ ହକି ଖେଳାଯିବ। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଭାରତୀୟ ଦଳ ଲାଗି ଏକ ଭଲ ପ୍ରସ୍ତୁତି ସଦୃଶ ହେବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ କହିଛନ୍ତି।

ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିଲେ। ଉଭୟ ମ୍ୟାଚରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ୧୯୭୨ ମ୍ୟୁନିକ ଗେମ୍ସ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ପ୍ରଥମ ବିଜୟ ଥିଲା। ୨୦୧୩ ପରଠାରୁ ଯଦି ଦୁଇ ଦଳର ରେକର୍ଡ ଉପରେ ନଜର ପକାଇବା ତେବେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଦୁଇ ଦଳ ୫୧ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ୩୫ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ଘୋଷିତ ୨୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା।

### ଭାରତୀୟ ଦଳ


**ଗୋଲରକ୍ଷକ:** କ୍ରିଷାନ ବାହାଦୂର ପାଠକ, ସୂରଜ କେରକେରା

**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ହରମନପ୍ରୀତ୍ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଯୁଗରାଜ ସିଂହ, ସିବି ପୁଭାନ୍ନା।

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ବିଷ୍ଣୁ କାନ୍ତ ସିଂ।

**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ, ଦିଲପ୍ରୀତ୍ ସିଂହ, ସେଲଭାମ କାର୍ଥିଓ ଆଦିତ୍ୟ ଲାଲାଗେ।

# ଲିଆଣ୍ଡରଙ୍କ ପିତା ଅଲିମ୍ପିଆନ ଭେସ୍ ପେସ୍‌ଙ୍କ ବିୟୋଗ



କୋଲକାତା, ୧୪।୮: ଭାରତର ମହାନ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ପିତା ତଥା ଅଲିମ୍ପିକ ପଦକ ବିଜେତା ଭେସ୍ ପେସଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାନରେ ଗୁରୁବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ଭେସ୍ ୧୯୪୫ ମସିହା ଏପ୍ରିଲ ୩୦ରେ ଗୋଆରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ ଥିଲେ। ୧୯୬୬ରେ କୋଲକାତାର ପ୍ରେସିଡେନ୍ସି କଲେଜରେ ମେଡିକାଲ ପଢୁଥିବାବେଳେ ଭେସ୍ ଭାରତୀୟ ହକି ଦଳରେ ଖେଳିବାର ସୁଯୋଗ ପାଇଥିଲେ। ହମବର୍ଗ ଇଣ୍ଟରନ୍ୟାସନାଲ କପ୍ ଖେଳି ସେ ଜାତୀୟ ହକି ଦଳରୁ ପଦାର୍ପଣ କରିଥିଲେ। ମଧ୍ୟକ୍ରମରେ ଜଣେ ଦକ୍ଷ ଖେଳାଳି ଥିବା ଭେସ୍ ୧୯୭୧ରେ ବାର୍ସିଲୋନାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଭାରତ କାଂସ୍ୟ ପଦକ ଜିତିଥିଲା। ଏହା ପରବର୍ଷ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ଏହାବାଦ୍ ସେ କ୍ରିକେଟ୍, ଫୁଟବଲ ଓ ରଗବୀରେ ଡିଭିଜନ ଲେଭଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ସ୍ପୋର୍ଟ୍ସ ମେଡିସନରେ ଜଣେ ସାର୍ଟିଫାଏଡ୍ ଡାକ୍ତର ଥିଲେ। ଏସିଆନ କ୍ରିକେଟ କାଉନସିଲ ଓ ବିସିସିଆଇର ଆଣ୍ଟି-ଡୋପିଂ ପ୍ରୋଗ୍ରାମରେ ମଧ୍ୟ ଭେସ୍ କାମ କରିଥିଲେ। ସେହିଭଳି ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗବୀ ଫୁଟବଲ ୟୁନିୟନର ସେ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। କଲକତା କ୍ରିକେଟ୍ ଓ ଫୁଟବଲ କ୍ଲବର ସଭାପତି ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ତୁଲାଇଥିଲେ। ଭେସ୍ ଜେନିଫର ପେସ୍‌ଙ୍କୁ ବିବାହ କରିଥିଲେ। ଜେନିଫର୍ ଭାରତୀୟ ମହିଳା ବାସ୍କେଟବଲ୍ ଦଳର ଅଧିନାୟିକା ଥିଲେ। ତାଙ୍କ ପୁଅ ଲିଆଣ୍ଡର ପେସ୍ ଭାରତୀୟ ଟେନିସର ଜଣେ ମହାନ ଖେଳାଳି।

**ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର**

## ବିକ୍ରି ହେବେ ଭେନ୍ୟୁ ନେମିଂ ରାଇଟ୍

ଲସ୍ ଏଞ୍ଜେଲ୍ସ,୧୪।୮(ଏଜେନ୍ସି): ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଭେନ୍ୟୁ ନେମିଂ ରାଇଟ୍ ଅର୍ଥାତ କ୍ରୀଡ଼ା ଆୟୋଜନସ୍ଥଳର ନାମକରଣ ଅଧିକାର ବିକ୍ରି ହେବ। ଆମେରିକାର ଲସ୍ ଏଞ୍ଜେଲ୍ସରେ ୨୦୨୮ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏହି ଅଧିକାର ବିକ୍ରି କରିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିପୁଳ ପରିମାଣରେ ଅର୍ଥ ଉପାର୍ଜନ ହେବ। ଏହି ଲକ୍ଷ୍ୟରେ ହିଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମଧ୍ୟ ସମର୍ଥନ ଜଣାଇଛି। ଏହିକ୍ରମରେ 'କମକାଷ୍ଟ' ଓ 'ହୋଣ୍ଡା' ଭଳି କମ୍ପାନୀ ପ୍ରାରମ୍ଭିକ ଦୁଇଟି ଭେନ୍ୟୁର ନାମକରଣ ଅଧିକାର ହାସଲ କରିଛନ୍ତି। ଆଗକୁ ଆହୁରି କେତୋଟି କର୍ପୋରେଟ୍ ହାଉସ୍ ମଧ୍ୟ ଏହି ନାକମରଣ ଅଧିକାର ହାସଲ କରିବେ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ଆଇଓସିକୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।




# ଆଜି କିସ୍‌ର ୩ ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୪।୮ (ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଲାଲ୍ କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ହେବାକୁ ଥିବା ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପବନୀ ଶବର, ଶୁଭଶ୍ରୀ ସିଂ ଓ ମଗାଇ ମାଝୀ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦୁଇ ମହାରାଷ୍ଟ୍ର ଖେଳାଳି ପ୍ରତୀକ ୱାଇକର ଓ ପ୍ରିୟଙ୍କା ଇଙ୍ଗଲେ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ନେତୃତ୍ୱ ନେଉଥିଲେ।

**■ ସିନ୍‌ସିନ୍ନାଟି ଓପନ**

## କ୍ୱାର୍ଟରରେ ସିନ୍ନର, ସାବାଲେଙ୍କା

ନ୍ୟୁୟର୍କ, ୧୪।୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଜାନ୍ନିକ ସିନ୍ନର ଓ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ସିନ୍‌ସିନ୍ନାଟି ଓପନ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ନର ୬-୪, ୭-୬ (୭/୪) ସେଟରେ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା କାନାଡାର ଫେଲିକ୍ସ ଆଗର ଆଲିଆସିମେଙ୍କ ସହ ହେବ। ସେହିଭଳି ୨ୟ ସିଡ୍ ତଥା ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୬-୧, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଦ୍ଦିଙ୍କୁ ମାତ୍ ଦେଇ ରାଉଣ୍ଡ-୮ ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ସାବାଲେଙ୍କା ୬-୧, ୭-୫ ସେଟ୍‌ରେ ସ୍ପେନର ଜେସିକା ବୌଜାସ ମାନେଇରୋ ହରାଇଥିଲେ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ସାବାଲେଙ୍କା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ।








**ପୁରୀରେ ଟି-୨୦ ଟେନିସ୍ ବଲ୍ କ୍ରିକେଟ**

# ସିଂହଦ୍ୱାରରେ ଟ୍ରଫି ଓ ବ୍ରୋଚର ଉନ୍ମୋଚନ

ପୁରୀ,୧୪।୮ (ସମିସ): ସର୍ବଭାରତୀୟ ଟି-୨୦ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୧୧ରୁ ପୁରୀରେ ଆରମ୍ଭ ହେବ। ଗୁରୁବାର ଏହାର ବ୍ରୋଚର ଉନ୍ମୋଚନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସିଂହଦ୍ୱାରରେ ସେବକମାନଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାର ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୩୨ ଦଳ ଭାଗନେବେ। ଟି-୨୦ ଫର୍ମାଟ୍ ବା ୨୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଟି-୨୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚାମ୍ପିଅନସିପ୍ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇସାରିଛି। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଓଡ଼ିଶା ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ଦଳ ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସେଲିବ୍ରିଟିମାନେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS